Bhubaneswar- 3 July 2026
ଭୁବନେଶ୍ୱର- ୩ ଜୁଲାଇ ୨୦୨୬
Vol- 1 Issue - 67
ଭାଗ- ୧ ସଂଖ୍ୟା- ୬୭
www.pratishabda.com
Email : pratishabda7@gmail.com
Also Available In : YouTube

# ପ୍ରତିଶବ୍ଦ
THE PRATISHABDA

୩୦ ଜିଲ୍ଲା ୩୧୪ ବ୍ଲକ ପାଇଁ
ସାମ୍ବାଦିକ ଆବଶ୍ୟକ
ଓଡ଼ିଶାର ଏକମାତ୍ର ଡିଜିଟାଲ ନ୍ୟୁଜ୍ ଚ୍ୟାନେଲ
<ଯୋଗାଯୋଗ>
ପରିଚାଳକ
ପ୍ରତିଶବ୍ଦ, ଭୁବନେଶ୍ୱର
ମୋ - ୯୬୯୨୭୦୧୦୦୭

## ଓଡ଼ିଶା ଶିଳ୍ପ ଇତିହାସର ସ୍ୱର୍ଣ୍ଣିମ ଅଧ୍ୟାୟ

# ସ୍ଥାପିତ ହେବ ୧.୧୦ଲକ୍ଷ କୋଟିର ଆଲୁମିନିୟମ୍ ପ୍ରକଳ୍ପ

### ୟୁଏଇର ଆଇଏଚ୍‌ସି ଗ୍ରୁପ୍- ଓଡ଼ିଶା ସରକାରଙ୍କ ବୁଝାମଣା

### ସୃଷ୍ଟିହେବ ୫୩, ୫୦୦ ନିଯୁକ୍ତି ସୁଯୋଗ

### ନିବେଶକମାନଙ୍କ ନିକଟରେ ଓଡିଶାର ଆକର୍ଷଣ କ୍ରମାଗତ ଭାବେ ବୃଦ୍ଧି ପାଇଚାଲିଛି



**ଭୁବନେଶ୍ୱର :** ଓଡ଼ିଶାକୁ ଏକ ଶିଳ୍ପ ସମୃଦ୍ଧ ଅର୍ଥନୀତିରେ ପରିଣତ କରିବା ଏବଂ ବିଶ୍ୱସ୍ତରୀୟ ପୁଞ୍ଜିନିବେଶକୁ ଆକୃଷ୍ଟ କରିବା ଦିଗରେ ଆଜି ରାଜ୍ୟ ଶିଳ୍ପ ଇତିହାସରେ ଏକ ନୂତନ ଅଧ୍ୟାୟ ଯୋଡ଼ି ହୋଇଯାଇଛି। ଆଜି ସ୍ଥାନୀୟ ଲୋକସେବା ଭବନ କନଭେନସନ୍ ସେଣ୍ଟରରେ ଆୟୋଜିତ, ଓଡ଼ିଶା ସରକାରଙ୍କ ଶିଳ୍ପ ପ୍ରୋତ୍ସାହନ ସଂସ୍ଥା 'ଇପିକଲ୍' ଏବଂ ସଂଯୁକ୍ତ ଆରବ ଏମିରେଟ୍ସ ର ପ୍ରତିଷ୍ଠିତ ବ୍ୟବସାୟିକ ପ୍ରତିଷ୍ଠାନ ଇଣ୍ଟରନ୍ୟାସନାଲ୍ ହୋଲ୍ଡିଂ କମ୍ପାନୀ ମଧ୍ୟରେ ଏକ ମେଗା ସମନ୍ୱିତ ଆଲୁମିନିୟମ୍ ପ୍ରକଳ୍ପ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି। ଏହି ପ୍ରସ୍ତାବିତ ପ୍ରକଳ୍ପରେ ପ୍ରାୟ ୧୧.୫ ବିଲିୟନ ଆମେରିକୀୟ ଡଲାର ଅର୍ଥାତ ପ୍ରାୟ ୧.୧୦ ଲକ୍ଷ କୋଟି ଟଙ୍କାର ବିପୁଳ ପୁଞ୍ଜିନିବେଶ କରାଯିବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ୨୦୩୬ ସୁଦ୍ଧା ଏକ ସମୃଦ୍ଧ, ଆଧୁନିକ ଓ ସମାବେଶୀ ଓଡିଶା ଗଠନ କରିବା ପାଇଁ ଆମର ଉଦ୍ୟମ ସଫଳତାର ସହ ଜାରି ରହିଛି ବୋଲି କହିଛନ୍ତି । ଓଡ଼ିଶାର ସମ୍ବଳ ଓ ପ୍ରତିଭା ସହ ମଧ୍ୟ-ପ୍ରାଚ୍ୟର ପୁଞ୍ଜି ଓ ପ୍ରଯୁକ୍ତି ବିଦ୍ୟାର ସମନ୍ୱୟରେ ଏକ ସମୃଦ୍ଧ ପାର୍ଟନରସିପ୍ ଗଠନ ହେବ ବୋଲି ଦୃଢ଼ ଆଶା ପ୍ରକଟ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏହି ପ୍ରକଳ୍ପ ମାଧ୍ୟମରେ ଓଡ଼ିଶାରେ ବକ୍ସାଇଟ୍ ଖଣି କାର୍ଯ୍ୟ, ଆଲୁମିନା ରିଫାଇନିଂ, ଆଲୁମିନିୟମ୍ ସ୍ମେଲଟିଙ୍ଗ, କ୍ୟାପ୍ଟିଭ୍ ପାୱାର୍ ପ୍ଲାଣ୍ଟ ସମେତ ଡାଉନ୍‌ଷ୍ଟ୍ରିମ୍ ଆଲୁମିନିୟମ୍ ଉତ୍ପାଦନ ଓ ଭିତ୍ତିଭୂମିର ବିକାଶ କରାଯିବ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି, ଏହି ମେଗା ପ୍ରକଳ୍ପ ଦ୍ୱାରା ନିର୍ମାଣ ପର୍ଯ୍ୟାୟରେ ପ୍ରାୟ ୩୫,୦୦୦ ଏବଂ ପ୍ରକଳ୍ପ କାର୍ଯ୍ୟକ୍ଷମ ହେବା ପରେ ପ୍ରାୟ ୧୮,୫୦୦ ଲୋକଙ୍କୁ ମିଶାଇ ସମୁଦାୟ ୫୩,୫୦୦ରୁ ଉର୍ଦ୍ଧ୍ୱ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ରାଜ୍ୟର ଖଣିଜ ସମ୍ବଳରୁ କେବଳ ରପ୍ତାନି ନୁହେଁ, ବରଂ ବ୍ୟାପକ ମୂଲ୍ୟ ସଂଯୋଜନ (Value Addition) ମାଧ୍ୟମରେ ଶିଳ୍ପାୟନ ଏବଂ ଯୁବପିଢ଼ିଙ୍କ ପାଇଁ ନିଯୁକ୍ତି ସୃଷ୍ଟି କରିବା ଆମ ସରକାରଙ୍କ ମୂଳ ଲକ୍ଷ୍ୟ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି। ବିଶ୍ୱସ୍ତରରେ ବର୍ତ୍ତମାନ 'ଗ୍ରୀନ୍ ମେଟାଲ୍ସ' ଓ ପରିବେଶ ଉପଯୋଗୀ ଶିଳ୍ପାୟନର ଧାରା ସୃଷ୍ଟି ହୋଇଛି ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଲେ ଯେ, ଏ ଦିଗରେ ଓଡିଶା ବର୍ତ୍ତମାନ ଏକ ଅଗ୍ରଣୀ ଭୂମିକା ନେବା ପାଇଁ ଉଦ୍ୟମ ଆରମ୍ଭ କରିଛି। ଏହି ପ୍ରକଳ୍ପ ଆମର ଏ ଲକ୍ଷ୍ୟ ପୂରଣ କରିବା ଦିଗରେ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି ଯେ, ଆମ ସରକାର 'ସମୃଦ୍ଧ ଓଡ଼ିଶା ୨୦୩୬' ଏବଂ 'ବିକଶିତ ଭାରତ ୨୦୪୭'ର ସଂକଳ୍ପ ନେଇ ଆଗକୁ ବଢୁଛି। ଓଡ଼ିଶା ଗଠନର ୧୦୦ ବର୍ଷ ପୂର୍ତ୍ତି ଅବସରରେ ୨୦୩୬ ମସିହା ସୁଦ୍ଧା ରାଜ୍ୟକୁ ଏକ ଶିଳ୍ପରେ ଅଗ୍ରଣୀ ଅଞ୍ଚଳ ଭାବେ ଗଢ଼ିତୋଳିବାକୁ ସରକାର ବଦ୍ଧପରିକର।

ଏହି ଚୁକ୍ତି କେବଳ ଏକ ବ୍ୟବସାୟିକ ନିବେଶ ନୁହେଁ, ବରଂ ଓଡ଼ିଶାର ସ୍ଥାୟୀ ବିକାଶ ପାଇଁ ଏକ ଦୀର୍ଘକାଳୀନ ଭାଗିଦାରୀ। ଆସ୍ଥା, ସମାନ ଚିନ୍ତାଧାରା ଓ ମିଳିତ ଲକ୍ଷ୍ୟ ଆଧାରରେ ଗଠିତ ଏହି ସମ୍ପର୍କ ଆଗାମୀ ଦିନରେ ପ୍ରଯୁକ୍ତିବିଦ୍ୟା, ଭିତ୍ତିଭୂମି, ଆର୍ଥିକ ସେବା ଏବଂ ଗ୍ରାହକ ସେବା କ୍ଷେତ୍ରରେ ବ୍ୟାପକ ସଫଳତା ଆଣିଦେବ। ଓଡ଼ିଶା କେବଳ ଏକ ନିବେଶ ସ୍ଥଳୀ ନୁହେଁ, ବରଂ ଦୀର୍ଘକାଳୀନ ସ୍ଥାୟୀ ବିକାଶର ଲକ୍ଷ୍ୟ ହାସଲ ଦିଗରେ ଏକ ପ୍ରମୁଖ ରଣନୀତିକ ସହଯୋଗୀ ବୋଲି ସେ ପ୍ରକାଶ କରିଛନ୍ତି ।

# ବିପର୍ଯ୍ୟୟ ପରିଚାଳନା ପାଇଁ ପାଣ୍ଠିର ଅଭାବ ରହିବ ନାହିଁ

- ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ରାଜସ୍ୱ ମନ୍ତ୍ରୀଙ୍କ ସୂଚନା
- ବିପର୍ଯ୍ୟୟ ପରିଚାଳନା ସମ୍ପର୍କିତ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ
- ବହୁମୁଖୀ ବନ୍ୟା ଓ ବାତ୍ୟା ଆଶ୍ରୟ କେନ୍ଦ୍ର ନିର୍ମାଣ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ
- ଖୁବ୍ ଶୀଘ୍ର ସମ୍ବଲପୁର, ବାଲେଶ୍ୱର, ଭୁବନେଶ୍ୱର ଏବଂ ପୁରୀରେ ଡପ୍ଲର୍ ରାଡାର



**ଭୁବନେଶ୍ୱର:** ରାଜ୍ୟରେ ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ ଓ ପ୍ରଭାବଶାଳୀ କରିବା ଲକ୍ଷ୍ୟରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନଠାରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ବିପର୍ଯ୍ୟୟ ପରିଚାଳନା ଭିତ୍ତିଭୂମି ସୁଦୃଢ଼ କରିବା ଦିଗରେ ଗୁରୁତ୍ୱାରୋପ କରି ଏଥିନିମନ୍ତେ ପାଣ୍ଠି ଏବଂ ଆନୁସଙ୍ଗିକ ସୁବିଧାସୁଯୋଗ ପ୍ରଦାନ ଦିଗରେ ରାଜ୍ୟସରକାରଙ୍କ ପକ୍ଷରୁ କୌଣସି ପ୍ରତିବନ୍ଧକ ରହିବ ନାହିଁ ବୋଲି ମନ୍ତ୍ରୀ କହିଛନ୍ତି। ରାଜ୍ୟ ବିପର୍ଯ୍ୟୟ ପ୍ରତିକ୍ରିୟା ପାଣ୍ଠି ଅଧୀନରେ ବଜେଟ୍ ବ୍ୟୟର କାର୍ଯ୍ୟଯୋଜନା ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ଏହି ପରିପ୍ରେକ୍ଷୀରେ ବିଭିନ୍ନ ବିଭାଗକୁ ଦିଆଯାଇଥିବା ପାଣ୍ଠି ଏବଂ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ବିଶଦ ଭାବରେ ସମୀକ୍ଷା ହୋଇଥିଲା। ଏସଡ଼ିଏମଏଫ/ ଏନଡ଼ିଏମଏଫ ଅଧୀନରେ ପାଣ୍ଠିର ଉପଯୋଗ ସମ୍ପର୍କିତ ବିଭିନ୍ନ କାର୍ଯ୍ୟଯୋଜନା ତ୍ୱରିତ ଭାବରେ ଆରମ୍ଭ କରି ନିର୍ଦ୍ଧାରିତ ସମୟ ପୂର୍ବରୁ ସାରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ବହୁମୁଖୀ ବନ୍ୟା ଓ ବାତ୍ୟା ଆଶ୍ରୟ କେନ୍ଦ୍ର ନିର୍ମାଣର ଅଗ୍ରଗତିର ସମୀକ୍ଷା କରିଥିଲେ। ଯଥାଶୀଘ୍ର ଏହି ନିର୍ମାଣ କାର୍ଯ୍ୟ ସାରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ।

ସେହିପରି ସମ୍ବଲପୁରରେ ଡପ୍ଲର ରାଡାର ସ୍ଥାପନ ପ୍ରାୟତଃ ସମାପ୍ତ ହୋଇଥିବା ବେଳେ ଖୁବ୍ ଶୀଘ୍ର ଏହାର ଉଦଘାଟନ କରାଯିବ । ଏହି ପରିପ୍ରେକ୍ଷୀରେ ବାଲେଶ୍ୱର, ଭୁବନେଶ୍ୱର ଏବଂ ପୁରୀଠାରେ ମଧ୍ୟ ପ୍ରସ୍ତାବିତ ଡପ୍ଲର ରାଡାର ସ୍ଥାପନ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରି ଏହାକୁ ଚଳିତ ବର୍ଷ ସୁଦ୍ଧା ସମାପ୍ତ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ଏଲନିନୋ ପ୍ରଭାବ ସମ୍ପର୍କରେ ତୀକ୍ଷଣ ନଜର ରଖାଯାଇଥିବା ବେଳେ ଜଳସମ୍ପଦ ବିଭାଗ ସହ ସମନ୍ୱୟ ରଖି କୃଷି କ୍ଷେତ୍ରରେ ଜଳସେଚନ ନିମନ୍ତେ ବିଭିନ୍ନ ଜଳାଶୟ, ଜଳସେଚନ ପ୍ରକଳ୍ପ ତଥା ଜଳଭଣ୍ଡାରର ସମ୍ପୂର୍ଣ୍ଣ ଉପଯୋଗ କରିବାକୁ ବୈଠକରେ କୁହାଯାଇଛି । ଏହା ସହିତ ଆଗାମୀ ଗ୍ରୀଷ୍ମଋତୁ ପୂର୍ବରୁ ବିଭିନ୍ନ ପ୍ରଭାବିତ ଜିଲ୍ଲାମାନଙ୍କରେ ପ୍ରସ୍ତାବିତ ହିଟ୍ ୱେଭ୍ ସେଣ୍ଟର୍ ନିର୍ମାଣ କାର୍ଯ୍ୟ ସାରି ସେଗୁଡ଼ିକୁ ପ୍ରସ୍ତୁତ କରି ରଖିବାକୁ ମଧ୍ୟ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ, ସ୍ୱତନ୍ତ୍ର ସହାୟତା ଆୟୁକ୍ତ ରାଜେଶ ପ୍ରଭାକର ପାଟିଲ, ଜଳସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା, ଗ୍ରାମ୍ୟ ଉନ୍ନୟନ ବିଭାଗର କମିଶନର ତଥା ଶାସନ ସଚିବ ଯାମିନୀ ଷଡଙ୍ଗୀ, ଆଇଏମଡି ଭୁବନେଶ୍ୱର କେନ୍ଦ୍ର ନିର୍ଦ୍ଦେଶକ ଡ. ମନୋରମା ମହାନ୍ତି, ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଏବଂ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ ।

### ବଙ୍ଗୋପସାଗରରେ ସୃଷ୍ଟି ହେଲା ଲଘୁଚାପ କ୍ଷେତ୍ର

## ୭ ତାରିଖ ଯାଏ ପ୍ରବଳ ବର୍ଷିବ

**ଭୁବନେଶ୍ୱର :** ବଙ୍ଗୋପସାଗରରେ ସୃଷ୍ଟି ହେଲା ଲଘୁଚାପ କ୍ଷେତ୍ର। ଉତ୍ତରପଶ୍ଚିମ ବଙ୍ଗୋପସାଗର ଓ ସଂଲଗ୍ନ ଉତ୍ତର ଓଡ଼ିଶା ଉପକୂଳରେ ଲଘୁଚାପ ସୃଷ୍ଟି ହୋଇଛି। ଆଗକୁ ବଳଗୋଟାଇ ଅବପାତ ରୂପ ନେଇପାରେ ଲଘୁଚାପ। ଏନେଇ ଭାରତୀୟ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ବଙ୍ଗୋପସାଗରରେ ସୃଷ୍ଟି ହେଲା ଲଘୁଚାପ କ୍ଷେତ୍ର। ଉତ୍ତର ବଙ୍ଗୋପସାଗର ଓ ସଂଲଗ୍ନ ଦକ୍ଷିଣ ବାଂଲାଦେଶ ଉପରେ ସୃଷ୍ଟି ଘୂର୍ଣ୍ଣିବଳୟ ଲଘୁଚାପରେ ପରିଣତ ହୋଇଛି । ଏହାର ପ୍ରଭାବରେ ମୌସୁମୀ ସକ୍ରିୟ ହେବା ସହ ରାଜ୍ୟର ବିଭିନ୍ନ ସ୍ଥାନରେ ଭୀଷଣ ବର୍ଷା ।୫ଟି ସ୍ଥାନରେ ୨୪ ଘଣ୍ଟାରେ ୧୦୦ ମି.ମି.ରୁ ଅଧିକ ବର୍ଷା ରେକର୍ଡ ହୋଇଛି । ବରଗଡ଼ର ଅମ୍ବାଭୋନାରେ ସର୍ବାଧିକ ୧୮୦ ମି.ମି. ବର୍ଷା ରେକର୍ଡ । ସେହିପରି ଯୁଯୁମରାରେ ୧୩୦.୮, ଅତାବିରାରେ ୧୨୦, ଭଟଲିରେ ୧୧୦.୮ ରେକର୍ଡ ହୋଇଛି । ବୀରମହାରାଜପୁରରେ ୧୦୭ ମିଲିମିଟରର ବର୍ଷା ରେକର୍ଡ ହୋଇଛି । ଆସନ୍ତା ୭ ତାରିଖ ଯାଏ ପ୍ରବଳ ବର୍ଷା ସମ୍ଭାବନା ରହିଛି। ଉତ୍ତର ଏବଂ ଦକ୍ଷିଣ ଓଡ଼ିଶାରେ ଅତି ପ୍ରବଳ ବର୍ଷା ହୋଇପାରେ। ରାଜ୍ୟର ବାକି ସ୍ଥାନରେ ବି ଭୀଷଣ ବର୍ଷିବ । ମୟୂରଭଞ୍ଜ ଓ କୋରାପୁଟରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ। ଆଜି ପାଇଁ ଏହି ୨ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଛି । ବାଲେଶ୍ୱର, ସୁନ୍ଦରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୁଳ, କେନ୍ଦୁଝର, ନବରଙ୍ଗପୁର, ରାୟଗଡ଼ା, ମାଲକାନଗିରି ଓ ଗଜପତିରେ ପ୍ରବଳ ବର୍ଷା ହୋଇପାରେ। ଏହି ୧୦ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ଆସନ୍ତାକାଲି ଉତ୍ତର ଓ ଦକ୍ଷିଣ ଓଡ଼ିଶାରେ ପ୍ରବଳରୁ ଅତିପ୍ରବଳ ବର୍ଷା ହୋଇପାରେ। ୪ ତାରିଖରେ ଉତ୍ତର ଓ ଦକ୍ଷିଣ ଓଡ଼ିଶା ସମେତ ପଶ୍ଚିମ ଓଡ଼ିଶାର ବିସ୍ତୃତ ଅଞ୍ଚଳରେ ଭଲ ବର୍ଷା ହେବ। ୫ ତାରିଖରେ ଏହି ସବୁ ସ୍ଥାନ ସମେତ ଉପକୂଳ ଓଡ଼ିଶାରେ ଅଧିକ ବର୍ଷା ହୋଇପାରେ ।

## ଅମିତ ଶାହଙ୍କର ଓଡ଼ିଶା ଗସ୍ତ ବାତିଲ

**ବରଗଡ଼:** କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କର ଓଡ଼ିଶା ଗସ୍ତ ବାତିଲ ହୋଇଥିବା ଜଣାଯାଇଛି। ଏନେଇ ବରଗଡ଼ ଲୋକସଭା ସଦସ୍ୟ ପ୍ରଦୀପ ପୁରୋହିତ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଖରାପ ପାଗ ଯୋଗୁ ଏହି ଗସ୍ତକୁ ବାତିଲ କରାଯାଇଛି। ଆସନ୍ତାକାଲି ଅମିତ ଶାହ ଓଡ଼ିଶା ଗସ୍ତରେ ଆସିଥାନ୍ତେ। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଓଡ଼ିଶାକୁ ଅନେକ ପ୍ରକଳ୍ପ ଭେଟିଦେଇଥାନ୍ତେ। ଏଥିଲାଗି ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଥିଲା। ସେ ବରଗଡ଼ରେ ଏକ ବୃହତ୍ ଶିଳ୍ପର ଶିଳାନ୍ୟାସ କରିଥାନ୍ତେ। ଏହାଛଡ଼ା ବଡ଼ମ୍ବା ଚିନିକଳ ସମେତ ବଲାଙ୍ଗୀର ଓ ନୟାଗଡ଼ ଚିନି କଳର ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ ପାଇଁ ଶିଳାନ୍ୟାସ କରିବେ। ଏହାସହ ଭୁବନେଶ୍ୱରରେ ତ୍ରିଭୁବନ ସମବାୟ ବିଶ୍ୱବିଦ୍ୟାଳୟର ଏକ ସ୍କୁଲ ପ୍ରତିଷ୍ଠାର ଭିତ୍ତିପ୍ରସ୍ତର କରିବେ।

# ଖୁବଶୀଘ୍ର ଆସିବ ସଂଶୋଧିତ ଲକ୍ଷ୍ମୀ ପୁରାଣ

- ଏକ କୋଟି ବହି ବାଣ୍ଟିବେ ସରକାର




**ଭୁବନେଶ୍ୱର:** ନୂଆ ସ୍ୱର ଓ ନୂଆ ଛାନ୍ଦରେ ପରିମାର୍ଜିତ ହୋଇ ଆସିବ ମହାକବି ବଳରାମ ଦାସଙ୍କ ରଚିତ ଲକ୍ଷ୍ମୀ ପୁରାଣ । ଏବେ ଘରେ ଘରେ ପଢ଼ା ଯାଉଥିବା ଲକ୍ଷ୍ମୀ ପୁରାଣ ବଳରାମ ଦାସଙ୍କ ଭ୍ରମାତ୍ମକ ସଂସ୍କରଣ । ନୂଆ ଲକ୍ଷ୍ମୀ ପୁରାଣ ବଳରାମ ଦାସଙ୍କ ମୂଳ ରଚିତ ଲେଖାରୁ ଆସିବ। ଓଡ଼ିଆ ସାହିତ୍ୟ ଏକାଡେମୀ ପୁସ୍ତକ ଛାପିବ । ୧ କୋଟି ଲକ୍ଷ୍ମୀ ପୁରାଣ ବହି ଓଡ଼ିଶାରେ ଘରେ ଘରେ ମାଗଣା ବଣ୍ଟାଯିବ। ନମିତା ଅଗ୍ରୱାଲ ଓ ଗୀତା ଦାସ ଏହି ସଂଶୋଧିତ ପରିମାର୍ଜିତ ପୁରାଣକୁ କଣ୍ଠ ଦେବେ। ରାଜ୍ୟ ସରକାର ଉଭୟଙ୍କ ସହ କଥା ହୋଇଛନ୍ତି। ସେମାନେ ନୂଆ ଛନ୍ଦରେ ଗାଇବା ପାଇଁ ରାଜି ହୋଇଛନ୍ତି । ମିଶନ ଶକ୍ତି ଅଡିଟୋରିୟମରେ ଆୟୋଜିତ ହୋଇଥିବା ଲକ୍ଷ୍ମୀ ପୁରାଣ କରିଡର୍ କାର୍ଯ୍ୟକ୍ରମରେ ଏହି ସୂଚନା ଦେଇଛନ୍ତି ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା। ବିଶିଷ୍ଟ ଗବେଷକ ଅସିତ୍ ମହାନ୍ତି ନମିତା ଅଗ୍ରୱାଲ ଓ ଗୀତା ଦାସଙ୍କ ଗୀତ ଗାଇବା ନେଇ ସିଧାସଳଖ ପ୍ରଶ୍ନ ଉଠାଇଥିଲେ ଆଜି ସଭାରେ। ତାଙ୍କ ଅଭିଯୋଗ ଅନୁସାରେ, ଗାୟିକା ନମିତା ଅଗ୍ରୱାଲ, ଗୀତା ଦାସ ଓ ଅନ୍ୟ କିଛି ଗାୟକ ମାନେ ଅସମ୍ପୂର୍ଣ୍ଣ ଓ ଭ୍ରମାତ୍ମକ 'ଲକ୍ଷ୍ମୀ ପୁରାଣ' ଗାନ କରି ଆସୁଛନ୍ତି । ଯାହାଫଳରେ ଘରେ ଘରେ ମହିଳାମାନେ ବଳରାମ ଦାସଙ୍କ ମୂଳ ରଚନାରୁ ବିଚ୍ୟୁତ ହୋଇ ବିକୃତ ସଂସ୍କରଣ ପାଠ କରୁଛନ୍ତି । ବଜାରେ ମିଳୁଥିବା ସଂସ୍କରଣରେ ମହାକବି ବଳରାମ ଦାସଙ୍କ ଅନେକ ଗୁରୁତ୍ୱପୂର୍ଣ୍ଣ ମୂଳ ଭାବଧାରା ଅଦୃଶ୍ୟ। ତେଣୁ ଯାହା ଭୁଲ୍ ଭାବେ ପ୍ରଚଳିତ ହୋଇଛି, ତାହା ଏବେ ବନ୍ଦ ହେବା ଉଚିତ୍ ବୋଲି ସେ ଦାବି କରିଛନ୍ତି । ସେପଟେ ଆଜି ନୂଆ ସଂଶୋଧିତ ଲକ୍ଷ୍ମୀ ପୁରାଣ କିପରି ହେବ ଓ ସ୍ୱର ଓ ଛାନ୍ଦ କିପରି ହେବା ଉଚିତ ସେନେଇ ମଞ୍ଚରେ ଗାଇ ଶୁଣାଇଥିଲେ ବିଶିଷ୍ଟ ଜଗନ୍ନାଥ ଗବେଷକ ଗୌରାଙ୍ଗ ଚରଣ ଦାଶ। ଅନ୍ୟପଟେ ୩୪ ବର୍ଷ ତଳେ ଚଟି ଲକ୍ଷ୍ମୀ ପୁରାଣ ବହି ରୁ ଗୀତ ପ୍ରସ୍ତୁତ କରିଥିବା ସୀତାରାମ ଅଗ୍ରୱାଲ ପୁରୁଣା ଭୁଲକୁ ସ୍ୱୀକାର କରିବା ସହ ନୂଆ ଗୀତକୁ ଭବ୍ୟ ଦିବ୍ୟ ଭାବେ ରଚନା କରିବାକୁ ଆଶାୟୀ ଅଛନ୍ତି ବୋଲି କହିଛନ୍ତି। ବଳରାମ ଦାସଙ୍କ ମୂଳ ରଚିତ ଲକ୍ଷ୍ମୀ ପୁରାଣର ନୂଆ ଗୀତ ରେକର୍ଡ ହେବ। ଗୀତା ଦାସ ଓ ନମିତା ଅଗ୍ରୱାଲ ମିଶି ଗାଇବେ। ଘରେ ଘରେ ପହଞ୍ଚିବ ନୂଆ ବଳରାମ ଦାସଙ୍କ ମୂଳ ପରିମାର୍ଜିତ ଲକ୍ଷ୍ମୀ ପୁରାଣ ।

# ପ୍ରକାଶ ପାଇଲା ପିଜି ପ୍ରବେଶିକା ପରୀକ୍ଷା ଫଳ

### ସ୍ନାତକୋତ୍ତର ପାଠ୍ୟକ୍ରମ ପାଇଁ ୩୨,୩୦୯ଟି ରହିଛି ସିଟ୍



**ଭୁବନେଶ୍ୱର:** ପିଜି ପ୍ରବେଶିକା ପରୀକ୍ଷା (କମନ୍ ପିଜି ଏଣ୍ଟ୍ରାନ୍ସ ଟେଷ୍ଟ-୨୦୨୬/ ସିପେଟ-୨୦୨୬) ରେଜଲ୍ଟ ପ୍ରକାଶିତ ହୋଇଛି। ଛାତ୍ରଛାତ୍ରୀମାନେ ସାମ୍ସ ପୋର୍ଟାଲକୁ ଯାଇ ନିଜର ପରୀକ୍ଷାଫଳ ଦେଖିପାରିବେ। ଏନେଇ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଶିକ୍ଷାବର୍ଷ ୨୦୨୬-୨୭ ପାଇଁ ସ୍ନାତକୋତ୍ତର ପାଠ୍ୟକ୍ରମରେ ନାମ ଲେଖାଇବା ନିମନ୍ତେ କମନ୍ ପିଜି ଏଣ୍ଟ୍ରାନ୍ସ ଟେଷ୍ଟ-୨୦୨୬ ଅନୁଷ୍ଠିତ ହୋଇଥିଲା। ଏହି ପ୍ରବେଶିକା ପରୀକ୍ଷା ପାଇଁ ୫୮,୬୧୩ଜଣ ପରୀକ୍ଷାର୍ଥୀ ଆବେଦନ କରିଥିବାବେଳେ ୫୩,୯୦୧ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ୪,୭୧୨ ଜଣ ଅନୁପସ୍ଥିତ ରହିଥିଲେ। ସର୍ବମୋଟ୍ ୫୦ଟି ସ୍ନାତକୋତ୍ତର ପାଠ୍ୟକ୍ରମ ପାଇଁ ଏହି ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ସୂଚନାଯୋଗ୍ୟ ଯେ, ଶିକ୍ଷାବର୍ଷ ୨୦୨୬-୨୭ ପାଇଁ ଉଚ୍ଚଶିକ୍ଷା ବିଭାଗ ଅଧୀନରେ ରାଜ୍ୟର ୧୩୨ଟି ଉଚ୍ଚଶିକ୍ଷାନୁଷ୍ଠାନରେ ସ୍ନାତକୋତ୍ତର ପାଠ୍ୟକ୍ରମ ପାଇଁ ୩୨,୩୦୯ଟି ସିଟ୍ ରହିଛି। ସ୍ନାତକୋତ୍ତର ପାଠ୍ୟକ୍ରମରେ ନାମଲେଖା କମନ୍ ପିଜି ଏଣ୍ଟ୍ରାନ୍ସ ଟେଷ୍ଟ-୨୦୨୬ ଆଧାରରେ କରାଯିବ। ଆଡ଼ମିଶନର ସମୟସୂଚୀ ଖୁବଶୀଘ୍ର ସାମ୍ସ ପୋର୍ଟାଲରେ ଉପଲବ୍ଧ ହେବ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

### ରଥ ନିର୍ମାଣର ୭୩ ତମ ଦିବସ

# ତିନିରଥରେ ଉଠିଲା ନାଟଗୋଡ ସହ ଦୁଆରବେଢ଼ା

### ପୋଟଳ ନାହାକାରେ କଣ୍ଟା ବାଡ଼ିଆ ଓ ସଂଯୋଗ ଶେଷ

### ସରିଲା ତିନିରଥରେ ଆଠଟି ଲେଖାଏଁ ଋଷି ପଟା ସଂଯୋଗ



**ପୁରୀ:** ଆଷାଢ଼ ମାସ ଶୁକ୍ଳପକ୍ଷ ଦ୍ୱିତୀୟା ତିଥିରେ ଶ୍ରୀଗୁଣ୍ଡିଚା ଯାତ୍ରା । ରତ୍ନବେଦିରୁ ଜନ୍ମବେଦୀକୁ ବିଜେ କରିବେ ଚତୁର୍ଦ୍ଧାମୂର୍ତ୍ତି । ରଥାରୁଢ଼ ହୋଇ ବଡଦାଣ୍ଡରେ ଘରଘର ନାଦ କରି ରଥ ଗଡିବ । ଏଥିପାଇଁ ବଡଦାଣ୍ଡ ସ୍ଥିତ ରାଜାନଅର ସମ୍ମୁଖ ରଥଖଳା ଚଳଚଞ୍ଚଳ ହୋଇଉଠିଛି । ରଥ ନିର୍ମାଣକାରୀ ସେବକ ମାନେ ତିନିରଥର ନିର୍ମାଣ କାର୍ଯ୍ୟ ଦ୍ରୁତ ଗତିରେ କରୁଛନ୍ତି । ଗୁରୁବାର ରଥ ନିର୍ମାଣର ୭୩ ତମ ଦିବସରେ ରଥ ନିର୍ମାଣକାରୀ ସେବକ ମାନେ ରଥ ଖଳା ଠାରେ ମୁଖ୍ୟ ମହାରଣାଙ୍କ ମାର୍ଗ ଦର୍ଶନରେ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। ଗୁରୁବାର ତିନିରଥର ଉଠିଲା ନାଟଗୋଡ ସହ ଦୁଆରବେଢା । ପୋଟଳ ନାହାକାରେ କଣ୍ଟା ବାଡ଼ିଆ ଓ ସଂଯୋଗ ଶେଷ ହୋଇଛି । ନୂତନ ସିଂହାସନ ମାଲ କାଠର ଚଉପଟ କାର୍ଯ୍ୟ ଶେଷ ହୋଇଛି । ବୁଧବାର ସୁଦ୍ଧା ତିନିରଥ ଚାଲିରେ ଦୁଇଟି ଲେଖାଏଁ ୩୦ ଫୁଟିଆ ନୂତନ ମାଲ କାଠ ର ଚଉପଟ କାର୍ଯ୍ୟ ସହ ତିନିରଥର ପ୍ରଭାରେ ରୁପଖୋଦେଇ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଥିଲା । ଆଜି ତିନିରଥରେ ଆଠଟି ଲେଖାଏଁ ଋଷି ପଟା ସଂଯୋଗ ଶେଷ ହୋଇଛି । ଏହି ଋଷି ପଟା ତିନିରଥର ବେକି ରେ ତୃତୀୟ ଭୂଇଁ ବା ଅଗ ଭୂଇଁ ରୁ ବଡ ଥଳ ପୋଟଳ ପର୍ଯ୍ୟନ୍ତ ପୋଟଳକୁ ଟେକି ଧରିଥିବା ୮ ଗୋଟି ପୋଟଳ ନାହାକା ରେ କଣ୍ଟା ବାଡ଼ିଆ ଯାଇ ସଂଯୋଗ କରାଯାଇଛି। ସିଂହାସନରୁ ଓହ୍ଲାଇବା ଏବଂ ସିଂହାସନକୁ ବିଜେ ପାଇଁ ଶାଳ କାଠର ନୂତନ ମାଲ କାଠ ର ଚଉପଟ କାର୍ଯ୍ୟ ଶେଷ ହୋଇଛି। ତିନିରଥର ମହାରଣା ସେବକ ମାନେ ଗତ କାଲିଠାରୁ ଚଉପଟ ଜାରୀ ରଖିଥିବା ଦୁଇଟି ଲେଖାଏଁ ୩୦/୩୧ ଫୁଟିଆ ମାଲ କାଠ ର ଚଉପଟ କାର୍ଯ୍ୟ ସହ ରଞ୍ଜା ମରା କାର୍ଯ୍ୟ ଶେଷ କରିଛନ୍ତି। ଆଜି ରୂପକାର ସେବକ ମାନେ ତିନିରଥର ପ୍ରଭାରେ ରୂପ ଖୋଦେଇ କାର୍ଯ୍ୟ ସମ୍ପୂର୍ଣ କରିଛନ୍ତି । ଏଥିସହ ଦାଗ ରହିଥିବା ସ୍ଥାନରେ ଚିତ୍ରକାର ସେବକ ମାନେ ପୁଟୁଣି ଦେଇ ପଲିସ୍ କାର୍ଯ୍ୟ ଶେଷ କରି ଚିତ୍ରକାର ସେବକ ମାନଙ୍କୁ ଖୋଦେଇ ରୂପରେ ରଙ୍ଗ କାର୍ଯ୍ୟ ପାଇଁ ହସ୍ତାନ୍ତର କରିଛନ୍ତି। ମୁଖ୍ୟ ଚିତ୍ରକାର ସେବକ ଦେବରାଜ ମହାପାତ୍ର ଏବଂ ସହଯୋଗୀ ଚିତ୍ରକାର ସେବକ ମାନେ ତିନିରଥର ୮୧ ଗୋଟି ପାର୍ଶ୍ୱ ଦେବ ଦେବୀ ମୂର୍ତ୍ତି, ସମସ୍ତ ହଂସ ପଟା, ତିନିରଥର ୬ ଗୋଟି ଶୁଆ, ତିନିଗୋଟି ଅଁଳା, ତିନିରଥର ସଖୀ, ତିନିରଥର ଦେବ ଦେବୀ ଆସ୍ଥାନ ଫ୍ରେମ୍ ବା ଶିଖର ଡମ୍ବରୁ, ୬ ଗୋଟି କଳସ, ତିନିଗୋଟି ପିତଳ କଳସ, ୧୨ ଗୋଟି ଘଣ୍ଟି, ତିନିରଥର ୮ ଟି ଲେଖାଏଁ ହାତୀ ପଟା ଏବଂ ମଗର ପଟା, ଋଷି ପଟା ଏବଂ ତିନିରଥର ଠେକେରା ବାଡ଼ ଇତ୍ୟାଦିରେ ରଙ୍ଗ କାର୍ଯ୍ୟ ଶେଷ କରି ତିନିରଥର ବାହ୍ୟ ଅଂଶ ଗୁଡିକରେ ରଙ୍ଗ କାର୍ଯ୍ୟ ଜାରୀ ରଖିଛନ୍ତି। ଦୋଳ ବେଦୀ ଅସ୍ଥାୟୀ କମାର ଶାଳ ରେ ଓଝା କମାର ସେବକ ମାନେ ତିନିରଥର କଳସ ପାଇଁ କଳସ ଫାନ୍ଦ କଣ୍ଟା ନିର୍ମାଣ ସହ ତିନି ଗୋଟି ନୂତନ ବ୍ରେକ ପୁଲି ରେ ଲାଗିବା ପାଇଁ ୬ ଟି ଲେଖାଏଁ ଲୁହା କଡା ନିର୍ମାଣ ଜାରୀ ରଖିଛନ୍ତି। ଆଜି ତିନିରଥର ଦୁଆର ବେଢ଼ା ରଥ ଉପରକୁ ଉଠିଛି। ଭୋଇ ସେବକ ମାନେ ଦୁଆର ବେଢ଼ା ଉଠାଇବା ପାଇଁ ବାଉଁଶ ତେଣ୍ଟିଆ ପ୍ରସ୍ତୁତ କରି ଆରମ୍ଭ କରି ରଥ ଉପରକୁ ଦୁଆର ବେଢ଼ା ଉଠାଇଥିଲେ । ତିନିରଥକୁ ଦୁଆର ବେଢ଼ା ଉଠିଲା ପରେ ଦୁଆର ବେଢ଼ା ଚନ୍ଦ୍ର ଶାଳୀରେ ଧ୍ୱଜ ବତା ଫିଟିଙ୍ଗ କରାଯିବ । ଧ୍ୱଜ ବତା ଫିଟିଙ୍ଗ ପରେ ରଥ କନା ପଡ଼ିବା ପୂର୍ବରୁ ରଥ ଚାରି ପାର୍ଶ୍ୱ କୋଣ ଗୁଡିକରେ ୮ ଟି ଲେଖାଏଁ କଣି ଫାଉଡା ସଂଯୋଗ ସହ ରଥ ଚାରି ପାର୍ଶ୍ୱରେ ହାତୀ ଆଳ ମାଳ ପୋଟଳ ତଳୁ ଦୁଆର ବେଢ଼ା ପର୍ଯ୍ୟନ୍ତ ସଂଯୋଗ ହେବ । ତତ୍ ପରେ ରଥ ଉପରକୁ କଳସ ଉଠି ରଥରେ କନା ପଡ଼ିବା ସହ, କନକ ମୁଣ୍ଡିରେ ପିତଳ ଚଦର ଫିଟିଙ୍ଗ କାର୍ଯ୍ୟ ସମାନ୍ତରାଳ ଭାବେ କାର୍ଯ୍ୟ ଜାରୀ ରହିବ । ଏଥିସହ ନାଟ ଗୋଡ଼ ଗୁଡିକୁ ସୁରକ୍ଷା ଦେବାପାଇଁ ଦୁଆର ବାଣିଆ ୧୪ ନାହାକା ରୁ ନାଟ ଗୋଡ଼ ସହ ବଟନ୍ ବାଡ଼ିଆ କାର୍ଯ୍ୟ ବାଡ଼ିଆ କାର୍ଯ୍ୟ ଶେଷ ପରେ ରଥରେ ପ୍ରଭା ଫିଟିଙ୍ଗ ଶେଷ ପରେ, ତିନିରଥ ସିଂହଦ୍ୱାର ଆଭିମୁଖ୍ୟ ଯାତ୍ରା ପାଇଁ ପ୍ରସ୍ତୁତ ହେବେ। ତିନିରଥର ନିର୍ମାଣକାରୀ ସେବକ ମାନେ ନିଷ୍ଠା ଶ୍ରଦ୍ଧା ଓ ଭକ୍ତିର ସହ ତିନିରଥର ନିର୍ମାଣ କାର୍ଯ୍ୟରେ ନିମଗ୍ନ ରହିଛନ୍ତି ।

ସମ୍ପାଦକୀୟ

# ଫୁଟ୍‌ପାଥ୍ ରାଇଟ୍

ଦିନକୁ ଦିନ ସହରର ଜନସଂଖ୍ୟା ଯେଭଳି ଭାବେ ବୃଦ୍ଧିପାଇ ଚାଲିଛି , ତାହା କେବଳ ସହର ପାଇଁ ନୁହେଁ, ସମାଜ ପାଇଁ, ସରକାରଙ୍କ ପାଇଁ ମଧ୍ୟ ଅନେକ ସମୟରେ ଅନେକ ସମସ୍ୟା ସୃଷ୍ଟି କରିପାରେ। ଏଭଳି ପରିସ୍ଥିତିରେ ରାସ୍ତା ଦୁର୍ଘଟଣାର ସମସ୍ୟା ସୃଷ୍ଟି ହେବାର ଆଶଙ୍କା ମଧ୍ୟ ବୃଦ୍ଧି ହୋଇପାରେ। ଜନସଂଖ୍ୟା ବଢ଼ିଲେ, ଗାଡ଼ି ମୋଟର ଅବା ଯାନବାହନ ମଧ୍ୟ ବଢ଼ିବ । ଯାନବାହନ ବଢିବା ମାନେ ଗାଡ଼ି ମୋଟର ସଂଖ୍ୟା ବଢ଼ିଲା। ସେପରି ହେଲେ ଜଣେ ସାଧାରଣ ଲୋକ , ସାଇକେଲ୍ ଚାଳକ ଅବା ସାଧାରଣ ପଥଚାରୀ ତେବେ କିପରି ଯିବ ରାସ୍ତାରେ। ସେ ପୁଣି ରାସ୍ତାରେ ଯିବ କେମିତି ? ତା’ର ବି ରାସ୍ତାରେ ଯିବାର ଅଧିକାର ରହିଛି। ହେଲେ ସେ ଯିବ କେମିତି ? କୌଣସି ବି ସମୟରେ ତା’ପାଇଁ ବି କିଛି ସମସ୍ୟା ଉପୁଜିପାରେ। ତା’ ପାଇଁ, ତା’ର ଜୀବନ ପ୍ରତି କେବେ ନା କେବେ କିଛି ନା କିଛି ସମସ୍ୟା ସୃଷ୍ଟି ହୋଇପାରେ। ରାସ୍ତାରେ ଗଲାବେଳେ ସେହି ସମସ୍ୟା ପରବର୍ତ୍ତୀ ସମୟରେ କୌଣସି ଏକ ଦୁର୍ଘଟଣାର ରୂପ ନେଇ ହୁଏତ୍ ତା’ର ଜୀବନ ନେଇପାରେ। ସେଥିପାଇଁ ତ ଭାରତର ସର୍ବୋଚ୍ଚ ନ୍ୟାୟାଳୟ ସୁପ୍ରିମ୍ କୋର୍ଟ ଦେଶର ଫୁଟପାଥ୍ ଉପରେ ଏତେ ଗୁରୁତ୍ୱ ଦେଇଛନ୍ତି। ସମଗ୍ର ଭାରତର ବିଭିନ୍ନ ରାଜରାସ୍ତା କଡ଼ରେ ଯେତେ ବି ଫୁଟ୍‌ପାଥ୍ ରହିଛି, ତା’ ଉପରେ ଜଣେ ପଥଚାରୀର ଚାଲିବାର ଅଧିକାର ରହିଛି। ସେ ବା ସେଥିରେ ନ ଚାଲିବ କାହିଁକି ? ତା’ର ତ ପୂର୍ଣ୍ଣ ଅଧିକାର ରହିଛି ପାଦଚଲା ରାସ୍ତାରେ ଚାଲିବାର। ସେଥିପାଇଁ ତାକୁ କେହି ବି ବାରଣ କରିପାରିବେ ନାହିଁ। ହେଲେ ପାଦଚଲା ରାସ୍ତାରେ ଯେତେବେଳେ ବିପଦ ସୃଷ୍ଟି ହେଉଛି, ସେବେ ସେ ଚାଲିବ କେଉଁଠି, ସେ ଚାଲିବ କେମିତି ? ରାସ୍ତାରେ ତ ବିପଦ, ସବୁଆଡେ ତ ବିପଦ , ପାଦେ ପାଦେ ବିପଦ। ଏଣୁ ଗୋଟାଏ ପଥଚାରୀ ପାଇଁ କେବଳ ଫୁଟ୍‌ପାଥ୍ ହିଁ ତା’ର ସାହା ଭରସା ଯେବେ ସେ ରାସ୍ତାରେ ଯାଉଥିବ। ବାକି ରହିଲେ ସାଇକେଲ୍‌ବାଲା। ସେମାନେ ବି ବିଚରା ! ଧୀରେ ଧୀରେ ରାସ୍ତାର କଡ଼େ କଡ଼େ ଯିବା, ତାହା ବି ଅତି ସନ୍ତର୍ପଣରେ ; କେବଳ ସେହି ଗୋଟାଏ ସମସ୍ୟା, ଜୀବନ ପ୍ରତି ବିପଦ, କାଳେ କିଛି ହୋଇଯିବ କି ? କାଳେ କିଛି ଦୁର୍ଘଟଣାରେ ଜୀବନ ଚାଲିଯିବ କି ? ଜଣେ ସାଇକେଲ୍‌ବାଲାର ବି ରାଇଟ୍ ରହିଛି ରାସ୍ତାରେ ଯିବାପାଇଁ କିନ୍ତୁ ସେ କି ରାସ୍ତା ମଝିରେ ମନଇଚ୍ଛା ଯାଇପାରିବ କି ? କେବେ ନୁହେଁ। କାରଣ ସେ ବି ଜାଣେ ଯେ ରାସ୍ତା ମଝିରେ ଯାତ୍ରା କରିବାର ପରିଣାମ କ’ଣ ହୋଇପାରେ, କେତେ ଭୟଙ୍କର ହୋଇପାରେ ? କାରଣ ସେ ସାଇକେଲ୍‌ବାଲା। ସେ କେବଳ ରାସ୍ତା କଡ଼ରେ ଯାତ୍ରା କରିବ। ପଥଚାରୀର ବି ସେହି ସମସ୍ୟା। କେବଳ ଫୁଟ୍‌ପାଥ୍ ରେ ସେହି ସମସ୍ୟା। ତେବେ ଆଜିର ସମୟରେ ଫୁଟପାଥ୍ ରାସ୍ତା ବି ବିପଜ୍ଜନକ। କେତେବେଳେ କିଏ ଜବରଦଖଲ କରୁଛି ତ ଆଉ କେବେ କିଏ ବିନା ଜବରଦଖଲରେ ବି ଫୁଟପାଥିରେ ତା’ର ଆଡ଼ା ଜମାଇ ଦେଉଛି। ଆଡ଼ା ଜମାଇବା କଥା ତ କେବେ କେବେ କୁହାଯାଇନପାରେ। କେବେ କେବେ ତ ସେମିତି ବି ହୋଇପାରେ। ହେଲେ କେବେ କେବେ ରାସ୍ତାରେ ଟିକେ ଆଶ୍ରୟ ନେଉଥିବା ଜଣେ ନିରାଶ୍ରୟା ମଣିଷର କୋଳରୁ ତା’ର ନାବାଳିକା କନ୍ୟାକୁ କେହିଜଣେ ରାତିର ଅନ୍ଧକାର ମଧ୍ୟରେ ଉଠାଇନେଇ ଯଦି ମାରିଦେଇପାରେ, ତେବେ ତାହାପାଇଁ ଆଇନ୍‌ରେ କି ବ୍ୟବସ୍ଥା ରହିଛି ? ଏଭଳି କିଛି ଘଟଣା ଘଟିଛି ଦକ୍ଷିଣ ଦିଲ୍ଲୀରେ । ଏବେ ଦେଖିବାର ଅଛି ଆଇନ୍ କାନୁନ୍ ସେଭଳି ଲୋକଙ୍କ ପାଇଁ କି ବ୍ୟବସ୍ଥା କରୁଛି। ପ୍ରଥମରେ ଯେଉଁମାନେ ଆଶ୍ରୟ ନପାଇ ରାସ୍ତାକଡ଼ ଫୁଟ୍‌ପାଥିରେ ଆଶ୍ରୟ ନେଉଛନ୍ତି ଏବଂ ଦ୍ୱିତୀୟରେ ଯେଉଁ ଅପରାଧୀମାନେ ନିଶବ୍ଦ ରାତିରେ ସେହି ନିରାଶ୍ରୟମାନଙ୍କ ପ୍ରତି ସେମିତି କିଛି ବ୍ୟଭିଚାର କରୁଛନ୍ତି, ସେମାନଙ୍କ ପାଇଁ ସୁପ୍ରିମ୍ କୋର୍ଟ କି ପ୍ରକାର ଆଇନ୍ ର ବ୍ୟବସ୍ଥା କରିପାରେ , ତାହା ଏବେ ଦେଖିବାକୁ ବାକି ରହିଲା। କି ପ୍ରକାର ଫୁଟ୍‌ପାଥ୍ ରାଇଟ୍ ?

# ଛେଳି ଛୁଆ

ନନ୍ଦୁ ଭଲରେ ଯେମିତି ଯାଏ, ପୁଣି ଭଲରେ ସେମିତି ଫେରିଆସେ ତା’ର ଘରକୁ । ସବୁ ତ ଠିକ୍ ଠାକ୍ ଚାଲେ। ହେଲେ ଦିନେ କିନ୍ତୁ ଗୋଟାଏ ଭୁଲ୍ ହୋଇଗଲା। ତେବେ ଥରେ ଏମିତି ବୁଲୁ ବୁଲୁ କେତେବେଳେ ଯେ ସେ ତା’ର ଅଜାଣତରେ ଜଙ୍ଗଲର ଟିକିଏ ଭିତରକୁ ପଶିଯାଇଥିଲା, ସେ ନିଜେ ବି ସେମିତି କିଛି ଜାଣିପାରିନି। ଜଙ୍ଗଲର ବେଶି ଭିତରକୁ ପଶିଯିବା ଦ୍ୱାରା ତା’ର ହଠାତ୍ ଜଙ୍ଗଲୀ ଜୀବ ସହିତ ସହିତ ତା’ର ସାମ୍ନା ହୋଇଗଲା। କ’ଣ କରିବ ଏବଂ ନ କରିବ , କିଛି ବି ବୁଝିପାରିଲାନି ସେ । ଭାବିଲା ଆଜି ଜୀବନ ଗଲା। ବାଘ ବି ଏବେ ତାକୁ ଖାଇବା ପାଇଁ ଆଗେଇ ଆସିଲା। ନନ୍ଦୁ ଅତି ଭୟଭୀତ ହୋଇ ବାଘ ଆଗରେ କାକୁତି ମିନତି ହୋଇ ନେହୁରା ହୋଇ କହିଲା , ମୋତେ ଦୟାକରି ଛାଡ଼ିଦିଅ। ମୁ ଘରକୁ ଫେରିଯିବି । ହେଲେ ବାଘ କିନ୍ତୁ ଶୁଣିବାକୁ ନାରାଜ୍ । ଏଣୁ ତା’ ପାଖରେ ନନ୍ଦୁ ତା’ର ଛୋଟ ଛୁଆକୁ କ୍ଷୀର ଦେବା କଥା କହି ନେହୁରା ହେବା ପରେ ସିଂହର ମନ ବି ଟିକେ ତରଳିଗଲା। ସେ ଅନ୍ତତଃ କିଛି ସମୟ ପାଇଁ ନନ୍ଦା କଥାରେ ରାଜି ହୋଇ ତାକୁ ଛାଡ଼ିଦେଲା ତା’ର ବାଟରେ କିନ୍ତୁ ଗୋଟାଏ ସର୍ତ୍ତରେ । ନନ୍ଦୁ ତା’ର ଛେଳି ଛୁଆକୁ କ୍ଷୀରପିଆଇ ପୁଣି ଥରେ ଫେରି ଆସିବ ତା’ର ପାଖକୁ। ନନ୍ଦୁ ବି ଅତି ସହଜରେ ରାଜି ହୋଇଗଲା ରାଜା କଥାରେ କିନ୍ତୁ ସେ ବି ତାକୁ ଗଲାବେଳେ ତାଗିଦ କରି କହିଲା ଯେ ସେ ତା’ର ଛୁଆକୁ କ୍ଷୀର ପିଆଇ ତୁରନ୍ତ ତା’ ପାଖକୁ ଫେରି ଆସିବ ନଚେତ ସେ ଉଭୟ ମା’ ଛୁଆଙ୍କୁ ମାରିଦେବ । ନନ୍ଦା ତା’ କଥାରେ ହିଁ ଭରି ତୁରନ୍ତ ଦୌଡ଼ି ପଳାଇଲା ସେଠାରୁ । କିଛି ସମୟ ଭିତରେ ସେ ତା’ର ଛୁଆ ପାଖରେ ପହଞ୍ଚି ତା’ର ଛୁଆକୁ କ୍ଷୀର ପିଆଇବା ବେଳେ ତାକୁ ଭଲକରି କ୍ଷୀର ପିଇବା ପାଇଁ କହିଲା। ମା’ କହିଲା କି ଭଲକରି କ୍ଷୀର ପିଇଦେ । ପେଟ ପୂରାଇ କ୍ଷୀର ପିଇଦେ। ଆଜି ତୋ’ର ଶେଷଦିନ। ହୁଏତ୍ ତୋ’ ସହିତ ମୋ’ର ଏଇଟା ଶେଷ ଦେଖା ହୋଇପାରେ କାରଣ ଏବେ ମୁ ଯେଉଁଠାକୁ ଯାଉଛି , ସେଠାରୁ ଆଉ ମୁ ଫେରି ନପାରେ। ମା’ ତାକୁ ଜଙ୍ଗଲର ସେହି ବାଘ ମାମୁଁ କଥା କହି ମନ ଦୁଃଖରେ ସେଠାରୁ ଫେରିବା ସମୟରେ ତା’ର ଛୁଆ ବି ତା’ର ସହିତ ଯିବା ପାଇଁ ଜିଦ୍ କରି ମା’ ସହିତ ଗଲା। ଚଉଭୟ ମା’ ଛୁଆ ଯାଇ ପହଞ୍ଚିଲେ ବାଘ ପାଖରେ। ବାଘତ ପ୍ରଥମେ ନିଜକୁ ବିଶ୍ୱାସ କରିପାରିଲା ନାହିଁ। ପରେ ନନ୍ଦୁର ବଚନବଦ୍ଧତାରେ ସନ୍ତୁଷ୍ଟ ହୋଇ ବାଘ ରାଜା ନନ୍ଦୁ ଉପରେ ସନ୍ତୁଷ୍ଟ ହୋଇ ତାକୁ ଛାଡ଼ିଦେଲା। ଉଭୟ ମା’ ଛୁଆ ଖୁସି ମନରେ ତାଙ୍କ ଘରକୁ ଫେରି ଆସିଲେ ଏବଂ ପରେ ଘରେ ପହଞ୍ଚି ସେମାନେ ବାଘ ରାଜାର ପ୍ରଶଂସା କଲେ। ଯେଉଁଥିରୁ ପ୍ରମାଣିତ ହେଲା ଯେ ବାଘ ମାମୁଁ ହେଉଛି ବିବେକୀ। ତେବେ ବାଘ ଭଳି ହିଂସ୍ର ଜନ୍ତୁ ପୁଣି ଛେଳି ଭଳି ତା’ର ଗୋଟାଏ ଆହାରକୁ ମୁହଁରୁ ଫେରାଇଦେବା ସତରେ ଅତି ବିସ୍ମୟର ବିଷୟ।

# ଭାରତର ପ୍ରମୁଖ ଡିଜିଟାଲ ୱାଲେଟ୍ସ



**ଡକ୍ଟର ତପନ କୁମାର ପାଲ**

ୟୁନିଫାଏଡ ପେମେଣ୍ଟ ଇଣ୍ଟରଫେସ ଲାଇଟ (ଇପିଆଇ ଲାଇଟ) ବ୍ୟବହାରକାରୀମାନେ ନିଜ ଆକାଉଣ୍ଟରେ ଟଙ୍କା ଦେଣନେଣ କାର୍ଯ୍ୟ ସୁବିଧାରେ କରିଥାନ୍ତି। ଭାରତୀୟ ଜାତୀୟ ପେମେଣ୍ଟ ନିଗମ (ଏନପିସିଆଇ) ସର୍କୁଲାର ଅନୁସାରେ ସମସ୍ତ ଅନଲାଇନ ପେମେଣ୍ଟ ସହ ସୁବିଧାଜନକ ବ୍ୟାଙ୍କିଙ୍ଗ ସେବା ଦିଆଯାଉଛି। ଉଲ୍ଲେଖଥାଉକି ୟୁପିଆଇ ଲାଇଟକୁ ସୁବିଧାରେ ଛୋଟମୋଟ କାରବାର କରିବା ପାଇଁ ବ୍ୟବହାର କରାଯାଉଛି। କାରବାର ପାଇଁ ଏଥିରେ ଇଣ୍ଟରନେଟର ଆବଶ୍ୟକତା ପଡ଼ିନଥାଏ। ଭାରତୀୟ ରିର୍ଜଭ ବ୍ୟାଙ୍କ ୟୁପିଆଇ ଲାଇଟ ସହ ଜଡ଼ିତ କାରବାରର ସୀମା ବୃଦ୍ଧି କରିବାକୁ ଯାଇ ଆରବିଆଇ ଗୋଟିଏ ୟୁପିଆଇ ଲାଇଟ କାରବାର ସୀମାକୁ ୫୦୦ ଟଙ୍କାରୁ ୧୦୦୦ ଟଙ୍କା ପର୍ଯ୍ୟନ୍ତ ବଢ଼ାଇଛନ୍ତି। ସେହିପରି ୱାଲେଟ ବାଲାନ୍ସ ଲିମିଟ ୨୦୦୦ ଟଙ୍କାରୁ ୫୦୦୦ ଟଙ୍କାକୁ ବୃଦ୍ଧି କରାଯାଇଛି। ଆଗାମୀ ଆର୍ଥିକ ବର୍ଷ ଅର୍ଥାତ୍ ୧ ଅପ୍ରେଲ ୨୦୨୫ରୁ ୟୁପିଆଇ ଲାଇଟ ଉପଭୋକ୍ତାମାନେ ସେମାନଙ୍କ ୟୁପିଆଇ ଲାଇଟରେ ଥିବା ବଳକା ରାଶିକୁ ସିଧାସଳଖ ସେହି ବ୍ୟାଙ୍କ ଆକାଉଣ୍ଟକୁ ସ୍ଥାନାନ୍ତର କରିପାରିବେ, ଯେଉଁଠାରୁ ସେମାନେ ୟୁପିଆଇ ଲାଇଟ ଆକାଉଣ୍ଟକୁ ଫଣ୍ଡ ଟ୍ରାନସଫର କରିଥିଲେ। ଆଜିର ସମୟରେ ଆର୍ଥିକ କାରବାର ନିମିତ୍ତ ଦ୍ରୁତ, ସ୍ୱଚ୍ଛ ଓ ନିର୍ଭରଯୋଗ୍ୟ ଆର୍ଥିକ ବ୍ୟବସ୍ଥା ଭାବେ ବିଭିନ୍ନ ଡିଜିଟାଲ ୱାଲେଟ ସ୍ଥାନ ନେଇଛନ୍ତି। ସେହି ସବୁ ପ୍ରମୁଖ ଡିଜିଟାଲ ୱାଲେଟ ଉପରେ ଆଜିର ଆଲୋଚନା।

ଏୟାରଟେଲ୍ ମନି : ଯଦି ଆପଣ ଏୟାରଟେଲ ମନି ଡିଜିଟାଲ ଆପ୍ ବ୍ୟବହାର କରୁଛନ୍ତି, ତେବେ ଆପଣ ଆପଣଙ୍କର ପ୍ରିପେଡ୍ ଏକାଉଣ୍ଟ ଓ ପୋଷ୍ଟପେଡ୍ ଏକାଉଣ୍ଟକୁ ଅତି ସହଜ ଉପାୟରେ ରିଚାର୍ଜ କରିପାରିବେ। ଏହା ଏକ ନିର୍ଭର ଯୋଗ୍ୟ ସେବା। ଯଦି ଆପଣଙ୍କର ଡିଜିଟାଲ ୱାଲେଟ୍‌ରେ ପଇସା ନଥାଏ, ତାହେଲେ ୪ଅଙ୍କ ବିଶିଷ୍ଟ ସିକ୍ୟୁରିଟି ପିନ୍‌କୋଡକୁ ବ୍ୟବହାର କରି ଆପଣ କିଣି ପାରିବେ ନିଜ ମନ ପସନ୍ଦର ଜିନିଷ।

ସିଟି ମାଷ୍ଟରପାସ୍ : ସିଟି ମାଷ୍ଟରପାସ୍ ଆପ୍ ଆପଣ ବ୍ୟବହାର କରୁଛନ୍ତି କି ? ଯଦି ନା, ତାହେଲେ ଏବେ ହିଁ ଏହି ଆପ୍‌କୁ ଡାଉନଲୋଡ଼ କରନ୍ତୁ ଏବଂ ଏହାର ଲାଭ ଉଠାନ୍ତୁ। କାରଣ ଏହା ଏକ ଡିଜିଟାଲ ୱାଲେଟ ଆପ୍। ଏହା ଆପଣଙ୍କୁ ଅନ୍‌ଲାଇନ ସପିଂ ସମୟରେ ଦ୍ରୁତଗତିର ସେବା ଯୋଗାଇଥାଏ। ଥରେ ଟଙ୍କା ପଇଠ କରିବା ମାତ୍ରେ ସପିଂର ସମ୍ପୂର୍ଣ୍ଣ ତଥ୍ୟ ଆପଣଙ୍କ ସିଟି ୱାଲେଟକୁ ମିଳିଯାଇଥାଏ। ଯାହାଫଳରେ ମାଷ୍ଟର ବଟମ୍‌କୁ ଦବାଇଲେ ଆପଣ ଅତି ସହଜ ଏବଂ ଯତ୍ନ ସହକାରେ ଆପଣଙ୍କ ସପିଂର ମଜା ଉଠାଇପାରିବେ।

ସିଟ୍ରେସ୍ ପେ : ସିଟ୍ରେସ୍ ପେ ହେଉଛି ଭାରତର ନମ୍ବର-୧ ଇ-ୱାଲେଟ୍। ଯାହା ଖାସ୍‌କରି ବ୍ୟବସାୟିକ ବା ସଂସ୍ଥାମାନଙ୍କ ପାଇଁ ଏକ ଉତ୍ତମ ଆପ୍। ଏହି ଆପ୍ ସାହାଯ୍ୟରେ ବ୍ୟବସାୟିକ ଏବଂ ସଂସ୍ଥାପକ ମାନେ ସେମାନଙ୍କ ଗ୍ରାହକକୁ ଅତି ସହଜ ଏବଂ ସୁବିଧାରେ ଟଙ୍କା ନେଣଦେଣ କରିପାରିବେ। ଏହି ଆପ୍ ପ୍ରାୟ ୮୦୦ ମିଲିୟନ ଗ୍ରାହକଙ୍କୁ ସଂଯୋଗ କରିପାରିବାରେ କ୍ଷମତା ରହିଛି। ଏହି ଆପ୍‌ଟି ନିଶ୍ଚିତ ରୂପେ ଭାରତର ଏକମାତ୍ର ଉତ୍ତମ ମୋବାଇଲ ୱାଲେଟ୍ସ।

ଇଜ୍‌ଟାପ : ଇଜ୍‌ଟାପ ଏକ ଏପରି ଆପ୍ ଯାହାକି ୨୦୧୧ରେ ବାଙ୍ଗାଲୁରୁ ଠାରେ ଉନ୍ମୋଚନ କରାଯାଇଥିଲା। ଏହା ଏକ ପ୍ରକାରର ଇଲେକ୍ଟ୍ରୋନିକ ଆପ୍, ବ୍ୟବହାର କରୁଥିବା ଗ୍ରାହକମାନଙ୍କୁ ପାଉତି ପ୍ରତିବଦଳରେ ଏସ୍.ଏମ୍.ଏସ୍ ବା ଇମେଲ ଦ୍ୱାରା ଜଣାଯାଏ।

ଏଚ୍.ଡ଼ି.ଏଫ୍.ସି ପେଜାପ୍ ଆପ୍ : ଏହି ଆପ୍‌ଟି ଭାରତରେ ଖୁବ୍ ଜଣାଶୁଣା। ଏହାର ବିଶେଷତ୍ୱ ହେଉଛି ୟୁଜର ଏହି ଆପ୍ ସାହାଯ୍ୟରେ ନିଜ ଡେବିଟ ବା କ୍ରେଡିଟ୍ କାର୍ଡ୍ ସହ ଯୋଡ଼ି ପାରିବେ ଏବଂ ସବୁଠି ପେମେଣ୍ଟ କରିପାରିବେ। ଯେପରି କି ଫ୍ଲାଇଟ ଟିକେଟ, ହୋଟେଲ ଟିକେଟ ବିଲ ପଇଠ କରିବା ଇତ୍ୟାଦି।

ଜିଓମନି : ଜିଓମନି ମଧ୍ୟ ଏକ ଡିଜିଟାଲ ପେମେଣ୍ଟ ଆପ୍ ଯାହା ଜିଓ କମ୍ପାନୀ ଦ୍ୱାରା ୨୦୧୬ରେ ବଜାରକୁ ଆସିଥିଲା। ଏହି ଜିଓ ମନି ଦ୍ୱାରା ଜଣେ ଗ୍ରାହକ ରିହାତି ମୂଲ୍ୟରେ ଆକର୍ଷଣୀୟ ସେବା ପାଇପାରିବେ। ଏଥିପାଇଁ ବ୍ୟବହାରକାରୀମାନେ ବହୁଳ ଭାବରେ ଦୋକାନରେ ଭିଡ଼ ଜମାଇଥିବା ଦେଖିବାକୁ ମିଳିଥିଲା। ତେଣୁ କ୍ରୟମାନ ସାଧାରଣ ଅପେକ୍ଷା କ୍ଷିପ୍ର ହୋଇଥିଲା।

ମୋବିକ୍ୱିକ୍ : ମୋବିକ୍ୱିକ୍ ଭାରତର ଗୁରୁଗାଓଁରେ କାର୍ଟକାରୀ ହେଉଥିବା ଇ-ୱାଲେଟ୍ ପ୍ରକ୍ରିୟା। ଏହି ପ୍ରକ୍ରିୟା ବ୍ୟବହାରକାରୀଙ୍କୁ ଟଙ୍କା ଜମା କରିବାରେ ସହାୟକ ହୋଇଥାଏ। ଏହି ସେବା ପ୍ରଥମେ ୨୦୦୯ରେ ବିପିନ ସିଂହ ଏବଂ ଉପାସନା ଟାକୁଙ୍କ ଦ୍ୱାରା ଆରମ୍ଭ ହୋଇଥିଲା। ଏହି ଡିଜିଟାଲ ୱାଲେଟ ବ୍ୟବହାରକାରୀ ମାନଙ୍କୁ ରିଚାର୍ଜ ବିଲ ପଇଠ ଏବଂ ତୃତୀୟଦଳୀୟ ଅଫିସର କିଣାବିକାରେ ମଧ୍ୟ ଗୋଟିଏ ଟିପ୍‌ରେ ରଖାଯାଇଛି।

ମେମୋ ଏକ୍ସପ୍ରେସ୍ : ଭାରତର ବାଙ୍ଗାଲୁରୁ ଠାରେ ଆରମ୍ଭ ହୋଇଥିବା ଡିଜିଟାଲ ୱାଲେଟ ସେବା ନିଜକୁ ତୀବ୍ରତାର ସହ ଦେଶ ଦୁନିଆରେ ପ୍ରସାର ଲାଭ କରୁଛି ବୋଲି ଏହି ସଂସ୍ଥାର ଦାବି। ବର୍ତ୍ତମାନ ଯାଏ ଏହି ସଂସ୍ଥା କେବଳ ବାଙ୍ଗାଲୁରୁ ଠାରେ ସାହାଯ୍ୟପ୍ରାପ୍ୟ ହୋଇପାରିଛି । ଏବେ ତାଙ୍କ ପାଖରେ ସମାଧାନର ବ୍ୟାପକ ପରିସର ରହିଛି। ଏବେ ବଜାରରେ ଉପଭୋକ୍ତାଙ୍କ ପାଇଁ ଏହି ସେବା ଯୋଗାଇଛନ୍ତି। ରିକ୍ସାଭଡ଼ା ଠାରୁ ଆରମ୍ଭ କରି ସେଲୁନ୍ ଏବଂ ସ୍ପାରେ ଏହି ସେବା ପ୍ରଚଳିତ ହେଉଛି।

ଓଲା ମନି : ୨୦୧୫ରେ ଭାରତରେ ଓଲା ମନିର ଏକ ଡିଜିଟାଲ ଆପ୍ ଉପଲବ୍ଧ କରିଥିଲା। ଯେତେବେଳେ ଏହା ମୁଖ୍ୟତଃ ଯାତ୍ରୀବାହୀ ଭଡ଼ାଗାଡ଼ିରେ ଅର୍ଥ ପରିଶୋଧରେ ବ୍ୟବହୃତ ହେଲା ନଗଦ ଅର୍ଥ ବିହୀନର ସ୍ୱପ୍ନ ସତ ହେଲା। ଏବେ ଆହୁରି ମଧ୍ୟ ସଉଦା କ୍ରୟ ତଥା ବିମାନ ଟିକେଟ ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ବ୍ୟବହୃତ ହେଲା।

ମୋବାଇଲ ମନି : ରିଜର୍ଭ ବ୍ୟାଙ୍କ ଦ୍ୱାରା ପ୍ରାଧିକୃତ ଏହି ମୋବାଇଲ ମନି ଆପ୍ କିଣାବିକା ଏବଂ ସେବାରେ ପଞ୍ଜିକୃତ ବେପାରୀଙ୍କ ପାଖରୁ ବ୍ୟବହାରକାରୀ ଦ୍ରବ୍ୟ ସେବା କିଣାରେ ସମର୍ଥ ହେବେ। ଦେଶର ଆଦିବାସୀ ଅଞ୍ଚଳର ଲକ୍ଷାଧିକ ଲୋକଙ୍କ ପାଖରେ ଅନଲାଇନ ଦରମା ସହଜପ୍ରାପ୍ୟ ହୋଇଛି।

ପେଟିଏମ୍ : ବର୍ତ୍ତମାନ ଭାରତରେ ସର୍ବବୃହତ ମୋବାଇଲ ୱାଲେଟ ଆପ୍। ଯାହାଦ୍ୱାରା ସମସ୍ତ ସ୍ଥାନରେ ଟଙ୍କା, ଭଡ଼ା ଗ୍ରହଣଯୋଗ୍ୟ ମୋବାଇଲ ବିଲ ଦେବାଠାରୁ ଆରମ୍ଭ କରି ଫିଲ୍ମ ଟିକେଟ ପର୍ଯ୍ୟନ୍ତ ଏହି ସେବା ଯୋଗାଇ ଦେଇଛି। ଏମିତି କୌଣସି ସେବା ନାହିଁ ଯାହା ପେଟିଏମ୍ ଦ୍ୱାରା ସମ୍ଭବ ନୁହେଁ।


ଷ୍ଟେଟ ବ୍ୟାଙ୍କ ବଡ଼ି : ଭାରତରେ ଷ୍ଟେଟ ବ୍ୟାଙ୍କ ବଡ଼ି ଏକ ଅନଲାଇନ ୱାଲେଟ ଆପ୍ ଯାହାକି ଦେଶର ସର୍ବତ୍ର ୧୩ଟି ଭାଷାରେ ଉପଲବ୍ଧ। ବ୍ୟବହାରକର୍ତ୍ତା (ଷ୍ଟେଟ ବ୍ୟାଙ୍କରେ ଖାତା ନଥିବା ଗ୍ରାହକ) ଏହି ଆପର ଉପଯୋଗ ଟଙ୍କା ଉଠାଣ, ପଇଠ, ହୋଟେଲ ଓ ମୁଭି ଟିକେଟ ବୁକ୍ ଆଦି ଫେସବୁକ୍ କିମ୍ବା ଅନ୍ୟ ବ୍ୟାଙ୍କ ଆକାଉଣ୍ଟ ସାହାଯ୍ୟରେ କରିହେବ।

**ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ,**
**ଷ୍ଟାଫ କଲୋନୀ, ଦେଉଳ ସାହି,**
**ତୁଳସୀପୁର, କଟକ,**
**ଦୂରଭାଷ : ୯୯୩୭୬୫୮୩୬୨**
**/ ୭୯୭୮୭୯୬୬୩୩**

# ପାଠ୍ୟପୁସ୍ତକ ବିଭ୍ରାଟ ପଛରେ ଗଭୀର ଚକ୍ରାନ୍ତ



**ସୌଭାଗ୍ୟ ରଂଜନ ମହାନ୍ତି**



ଓଡିଶାରେ ନୂତନ ଭାବେ ଗଠିତ ହୋଇଥିବା ମୋହନ ଚରଣ ମାଝୀଙ୍କ ନେତୃତ୍ୱାଧୀନ ସରକାରଙ୍କୁ ଜନମାନସରେ ହେୟ ପ୍ରତିପନ୍ନ କରିବା ଏବଂ ବିପର୍ଯ୍ୟସ୍ତ ପ୍ରଶାସନିକ ବ୍ୟବସ୍ଥାର ଆଳ ଦେଖାଇ ବଦନାମ କରିବା ପାଇଁ ଏକ ସୁଚିନ୍ତିତ ତଥା ପୂର୍ବପ୍ରସ୍ତୁତ ଚକ୍ରାନ୍ତ ଚାଲିଥିବା ଏବେ ସ୍ପଷ୍ଟ ହୋଇଯାଇଛି। ବିଶେଷ କରି ସ୍କୁଲ ଛାତ୍ରଛାତ୍ରୀଙ୍କ ପାଇଁ ପ୍ରକାଶିତ ପାଠ୍ୟପୁସ୍ତକରେ ଦେଖାଦେଇଥିବା ସାଘାଂତିକ ତ୍ରୁଟି ଏବଂ ଭୁଲ ତଥ୍ୟକୁ ନେଇ ଯେଉଁ ବିବାଦ ସୃଷ୍ଟି କରାଯାଇଛି, ତାହା ବାସ୍ତବରେ ବର୍ତମାନର ମୋହନ ମାଝୀ ସରକାରଙ୍କ କାର୍ଯ୍ୟକାଳର ତ୍ରୁଟି ନୁହେଁ, ବରଂ ଏହା ପଛରେ ପୂର୍ବତନ ଶାସନ କାଳର ରହିଯାଇଥିବା ଅପାରଗତା ଏବଂ ବର୍ତମାନର ନୂଆ ସରକାରଙ୍କୁ ଅଡୁଆରେ ପକାଇବା ପାଇଁ ପ୍ରଶାସନିକ ସ୍ତରରେ ରହିଥିବା କିଛି କୁଚକ୍ରୀ ଗୋଷ୍ଠୀଙ୍କ ପୂର୍ବ କଳ୍ପିତ ଯୋଜନା ଥିଲା ବୋଲି ଜଣାପଡିଛି। ଶିକ୍ଷା ବ୍ୟବସ୍ଥା ଭଳି ଏକ ସମ୍ବେଦନଶୀଳ ପ୍ରସଙ୍ଗକୁ ଅସ୍ତ୍ର କରି ରାଜ୍ୟ ସରକାରଙ୍କ ସ୍ୱଚ୍ଛ ଭାବମୂର୍ତି ଉପରେ ଆଘାତ ଆଣିବାକୁ ଚେଷ୍ଟା କରାଯାଉଥିବାବେଳେ ରାଜ୍ୟ ଉନ୍ନୟନ କମିଶନରଙ୍କ ଦ୍ୱାରା ପ୍ରସ୍ତୁତ ଏବଂ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଥିବା ତଦନ୍ତ ରିପୋର୍ଟ ଏହି ମହାଷଡଯନ୍ତ୍ର ଉପରୁ ପରଦା ହଟାଇ ଦେଇଛି। ରିପୋର୍ଟରୁ ଏହା ସ୍ପଷ୍ଟ ଭାବେ ସାମ୍ନାକୁ ଆସିଛି ଯେ ଏହି ପାଠ୍ୟପୁସ୍ତକ ପ୍ରସ୍ତୁତି, ସଂଶୋଧନ ଏବଂ ମୁଦ୍ରଣ ପ୍ରକ୍ରିୟା ବର୍ତମାନର ସରକାର ଦାୟିତ୍ୱ ଗ୍ରହଣ କରିବାର ବହୁ ପୂର୍ବରୁ ହିଁ ଶେଷ ପର୍ଯ୍ୟାୟରେ ପହଂଚିଥିଲା ଏବଂ ସେତେବେଳେ ଦାୟିତ୍ୱରେ ଥିବା ଉଚ୍ଚପଦସ୍ଥ ଅଧିକାରୀ ତଥା ପାଠ୍ୟପୁସ୍ତକର ପ୍ରଣୟନ କମିଟିର ସଦସ୍ୟମାନେ ଜାଣିଶୁଣି ଏଭଳି ସାଘାଂତିକ ଭୁଲ ତଥା ପାଠ୍ୟପୁସ୍ତକ ପ୍ରଣୟନ କମିଟିର ସଦସ୍ୟମାନେ ଜାଣିଶୁଣି ଏଭଳି ସାଘାଂତିକ ଭୁଲ ସବୁକୁ ଅଣଦେଖା କରିଥିଲେ, ଯାହାଫଳରେ ପରବର୍ତୀ ସମୟରେ ଏହାକୁ ନେଇ ମୋହନ ମାଝୀ ସରକାରଙ୍କୁ ତୀବ୍ର ସମାଲୋଚନାର ଶରବ୍ୟ କରାଯାଇପାରିବ। ଶିକ୍ଷା ବିଭାଗରେ ରହିଥିବା ଏହି ପୂର୍ବ ପ୍ରସ୍ତୁତ ଚକ୍ରାନ୍ତ ଏକ ନିର୍ଦ୍ଦିଷ୍ଟ ରଣନୀତି ଅନୁଯାୟୀ କାର୍ଯ୍ୟକାରୀ କରାଯାଇଥିଲା, ଯେଉଁଠାରେ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହିତ ଖେଳ ଖେଳି ସରକାରଙ୍କ ନୀତି ଓ ନିଷ୍ଠା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିବା ପାଇଁ ଯୋଜନା କରାଯାଇଥିଲା। ବିଦ୍ୟାଳୟ ପାଠ୍ୟପୁସ୍ତକ ଭଳି ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସମାଗ୍ରୀରେ ମୁଦ୍ରଣ ଓ ତଥ୍ୟଗତ ତ୍ରୁଟି ରହିବା କୌଣସି ସାଧାରଣ ବ୍ୟାପାର ନୁହେଁ, ବରଂ ଏହାକୁ ଏକ ଯୋଜନାବଦ୍ଧ ପ୍ରଶାସନିକ ବିପର୍ଯ୍ୟାୟ କହିଲେ ଅତ୍ୟୁକ୍ତି ହେବ ନାହିଁ, ଯାହାର ଏକାମତ୍ର ଉଦ୍ଦେଶ୍ୟ ଥିଲା ନୂଆ ଶାସନ ବ୍ୟବସ୍ଥାକୁ ଜନସାଧାରଣଙ୍କ ସାମ୍ନାରେ ଦୋଷୀ ସଜାଇବା। ବିଶେଷ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଉନ୍ନୟନ କମିଶନର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଦେଇଥିବା ବିସ୍ତୃତ ରିପୋର୍ଟରେ ପାଠ୍ୟପୁସ୍ତକ ପ୍ରକାଶନ ସଂସ୍ଥା, ବିଭାଗୀୟ ସଚିବ ଏବଂ ଏଥିପାଇଁ ଗଠିତ ବିଶେଷଜ୍ଞ କମିଟିର ଚରମ ଅବହେଳା ତଥା ସେମାନଙ୍କର ଗୁପ୍ତ କାର୍ଯ୍ୟକଳାପକୁ ସମ୍ପୂର୍ଣ୍ଣ ଭାବେ ପଦାରେ ଦେଇଛନ୍ତି। ରିପୋର୍ଟରେ ଦର୍ଶାଯାଇଛି ଯେ, ଯେତେବେଳେ ପାଠ୍ୟପୁସ୍ତକର ପାଣ୍ଡୁଲିପି ପ୍ରସ୍ତୁତ ହେଉଥିଲା ଏବଂ ଏହାର ପ୍ରୁଫ ରୀଡିଂ ଚାଲିଥିଲା, ସେତେବେଳେ କେଉଁ ଉଦ୍ଦେଶ୍ୟରେ ଏବଂ କାହା ନିର୍ଦ୍ଦେଶରେ ଏହି ତ୍ରୁଟିପୂର୍ଣ୍ଣ ତଥ୍ୟଗୁଡିକୁ ସେମିତି ରହିବାକୁ ଦିଆଗଲା, ତାହା ହିଁ ସବୁଠାରୁ ବଡ ପ୍ରଶ୍ନ ଏବଂ ଏହା ସୂଚାଉଛି ଯେ ବର୍ତମାନର ସରକାରଙ୍କୁ କ୍ଷତି ପହଂଚାଇବା ପାଇଁ ପରଦା ପଛରେ ଏକ ପ୍ରତିବନ୍ଧକ ସୃଷ୍ଟିକାରୀ ଗୋଷ୍ଠୀ ସକ୍ରିୟ ରହିଛନ୍ତି। ଏହି ପୂର୍ବପ୍ରସ୍ତୁତ ଷଡଯନ୍ତ୍ରର ମୂଳ ଲକ୍ଷ୍ୟ ହେଉଛି ଓଡିଶାରେ ବିଜେପି ନେତୃତ୍ୱାଧୀନ ମୋହନ ମାଝୀ ସରକାର ଯେଉଁ ଲୋକାଭିମୁଖୀ ଏବଂ ସ୍ୱଚ୍ଛ ଶାସନ ପ୍ରଦାନ କରିବାକୁ ପ୍ରୟାସ କରୁଛନ୍ତି, ତାହାକୁ ଯେକୌଣସି ପ୍ରକାରେ ବିଫଳ ପ୍ରମାଣିତ କରିବା ଏବଂ ଗଣମାଧ୍ୟମ ତଥା ସାମାଜିକ ଗଣମାଧ୍ୟମରେ ସରକାର ବିରୋଧୀ ପରିବେଶ ସୃଷ୍ଟି କରିବା। ପାଠ୍ୟପୁସ୍ତକରେ ଭୁଲ ଛାପି ହେବା କାରଣରୁ ଯେତେବେଳେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଲା, ସେତେବେଳେ ସରକାରଙ୍କ ବିରୋଧୀ ଗୋଷ୍ଠୀ ଏହାକୁ ତୁରନ୍ତ ମୋହନ ମାଝୀଙ୍କ ପ୍ରଶାସନିକ ଦୁର୍ବଳତା ବୋଲି ପ୍ରଚାର କରିବା ଆରମ୍ଭ କରିଦେଲେ, କିନ୍ତୁ ସେମାନେ ଏହା ଭୁଲିଗଲେ ଯେ ଏହି ପୁସ୍ତକଗୁଡିକର ବିଷୟବସ୍ତୁ ନିର୍ଦ୍ଧାରଣ ଓ ଚୂଡାନ୍ତ ଅନୁମୋଦନ ପ୍ରକ୍ରିୟା ବହୁ ପୂର୍ବରୁ ଅମଲାତନ୍ତ୍ରର କିଛି ନିର୍ଦ୍ଦିଷ୍ଟ ଅଧିକାରୀଙ୍କ ଦ୍ୱାରା ଶେଷ ହୋଇସାରିଥିଲା। ଉନ୍ନୟନ କମିଶନରଙ୍କ ରିପୋର୍ଟ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ପହଂଚିବା ପରେ ଏବେ ଏହି ସମଗ୍ର ଚକ୍ରାନ୍ତର ଗୁମର ଫିଟିଯାଇଛି ଏବଂ ସରକାର ଏହି ମମାଲାକୁ ଅତ୍ୟନ୍ତ ଗମ୍ଭୀରତାର ସହ ନେଇ ଦୋଷୀ ଅଧିକାରୀ ଓ ବିଶେଷଜ୍ଞମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପ୍ରକ୍ରିୟା ଆରମ୍ଭ କରିଦେଇଛନ୍ତି। ମୋହନ ମାଝୀ ସରକାରଙ୍କୁ ବିଭିନ୍ନ ବିବାଦ ଭିତରକୁ ଟାଣି ଆଣି ତାଙ୍କର ଦକ୍ଷତା ଉପରେ ଆଙ୍ଗୁଠି ଉଠାଇବା ପାଇଁ ଯେଉଁମାନେ ପଛରେ ରହି ସୂତ୍ରଧର ସାଜିଥିଲେ, ସେମାନଙ୍କର ମୁଖା ଏବେ ସମ୍ପୂର୍ଣ୍ଣ ଭାବେ ଖୋଲିଯାଇଛି। ଓଡିଶାର ସ୍କୁଲ ଶିକ୍ଷା ବିଭାଗରେ ବର୍ଷ ବର୍ଷ ଧରି ଜମି ରହିଥିବା ଦୁର୍ନୀତି ଓ ଅପାରଗତାର ପରିଣାମକୁ ଏହି ନୂଆ ସରକାରଙ୍କ ମୁଣ୍ଡରେ ଅଜାଡି ଦେବା ପାଇଁ ଯେଉଁ ହୀନ ପ୍ରୟାସ କରାଯାଇଛି, ତାହାକୁ ଓଡିଶାର ସଚେତନ ନାଗରିକମାନେ କଦାପି ଗ୍ରହଣ କରିବେ ନାହିଁ। ବାସ୍ତବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦାୟିତ୍ୱ ନେବା ଦିନଠାରୁ ହିଁ ଶିକ୍ଷା ବ୍ୟବସ୍ଥାରେ ସଂସ୍କାର ଆଣିବା ସହ ଓଡିଆ ଅସ୍ମିତା ଏବଂ ସଠିକ୍ ଇତିହାସକୁ ପାଠ୍ୟପୁସ୍ତକରେ ସ୍ଥାନ ଦେବା ପାଇଁ ଅନେକ ସକାରାତ୍ମକ ପଦକ୍ଷେପ ନେଇଛନ୍ତି, କିନ୍ତୁ ସରକାରଙ୍କ ଏହି ସଫଳତାକୁ ସହ୍ୟ ନକରିପାରି କିଛି ପ୍ରତିକ୍ରିୟାଶୀଳ ଗୋଷ୍ଠୀ ଏବଂ ପୂର୍ବ ଶାସନର ଅନୁଗତ ଅଧିକାରୀମାନେ ମିଳିତ ଭାବେ ଏହି ବହି ବିଭ୍ରାଟ ସୃଷ୍ଟି କରିଛନ୍ତି। ଏହି ଷଡଯନ୍ତ୍ର ଏତେ ସୂକ୍ଷ୍ମ ଥିଲା ଯେ ସାଧାରଣ ଆଖିରେ ଏହା ଏକ ମୁଦ୍ରଣ ଜନିତ ତ୍ରୁଟି ଭଳି ମନେହେଲେ ମଧ୍ୟ, ଏହାର ପଛରେ ଥିବା ବଡ ରଣନୀତି ଥିଲା ନୂଆ ମୁଖ୍ୟମନ୍ତ୍ରୀଙ୍କ ପ୍ରତି ଜନସାଧାରଣ ଓ ଅଭିଭାବକମାନଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରିବା। ଉନ୍ନୟନ କମିଶନରଙ୍କ ରିପୋର୍ଟ ଆଧାରରେ ଏବେ ଏହା ପ୍ରମାଣିତ ହୋଇଛି ଯେ, ପାଠ୍ୟପୁସ୍ତକ ପ୍ରସ୍ତୁତି ସମୟରେ ତଥ୍ୟଗୁଡିକୁ ଯାଂଚ କରିବା ପାଇଁ ଦାୟିତ୍ୱ ପାଇଥିବା ସଂସ୍ଥା ନିଜର କର୍ତବ୍ୟ ସମ୍ପାଦନ କରିନଥିଲେ ଏବଂ ଜାଣିଶୁଣି ଏପରି ଏକ ପରିସ୍ଥିତି ସୃଷ୍ଟି କଲେ ଯେପରି ବହିଗୁଡିକ ବଜାରକୁ ଆସିବା ମାତ୍ରେ ହିଁ ସରକାରଙ୍କୁ ବଦନାମ କରାଯାଇପାରିବ । ମୋହନ ମାଝୀ ସରକାରଙ୍କୁ ପ୍ରତି ପଦକ୍ଷେପରେ ବାଧା ଦେବା ଏବଂ ତାଙ୍କ ପ୍ରଶାସନକୁ ଦୁର୍ବଳ ପ୍ରମାଣିତ କରିବା ପାଇଁ ରଚାଯାଇଥିବା ଏହି ଅଭିଶପ୍ତ ଚକ୍ରାନ୍ତର ଉଦଘାଟନ ହେବା ପରେ ଏବେ ସରକାରୀ ସ୍ତରରେ ତତ୍ପରତା ପ୍ରକାଶ ପାଇଛି ଏବଂ ମୁଖ୍ୟମନ୍ତ୍ରୀ ନିଜେ ଏକ ରିପୋର୍ଟରେ ଅନୁଧ୍ୟାନ କରି ସମସ୍ତ ଦୋଷୀଙ୍କ ବିରୋଧରେ କଡା ଏଫଆଇଆର ଦାୟର କରିବା ସହ ବିଭାଗୀୟ ସ୍ତରରେ ବଡ ଧରଣର ଅସ୍ତ୍ରୋପଚାର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଘଟଣାରୁ ପ୍ରମାଣିତ ହେଉଛି ଯେ ବର୍ତମାନର ସରକାରଙ୍କୁ ଅସ୍ଥିର କରିବା କିମ୍ବା ତାଙ୍କର ଲୋକପ୍ରିୟତାକୁ କ୍ଷୁର୍ଣ୍ଣ କରିବାପାଇଁ ପରଦା ପଛର ଖେଳାଳୀମାନେ କେତେ ଦୂରକୁ ଯାଇପାରନ୍ତି, ଯେଉଁଠି ସେମାନେ କୋମଳମତି ଶିଶୁମାନଙ୍କ ପାଠପଢାକୁ ମଧ୍ୟ ରାଜନୀତିର ମାଧ୍ୟମ ସଜାଇବାକୁ ପଛାଇ ନାହାନ୍ତି। ମୋହନ ମାଝୀ ସରକାରଙ୍କୁ ବଦନାମ କରିବାର ଏହି ଯେଉଁ ପୂର୍ବପ୍ରସ୍ତୁତି କଂସପ୍ରେସି ବା ଚକ୍ରାନ୍ତ ଥିଲା, ତାହା ରାଜ୍ୟ ଉନ୍ନୟନ କମିଶନରଙ୍କ ନିରପେକ୍ଷ ତଦନ୍ତ ଯୋଗୁଁ ସମ୍ପୂର୍ଣ୍ଣ ଭାବେ ବିଫଳ ହୋଇଛି ଏବଂ ଏହା ଶାସନ ବ୍ୟବସ୍ଥାରେ ଲୁଚି ରହିଥିବା ଶତ୍ରୁମାନଙ୍କୁ ଚିହ୍ନଟ କରିବାରେ ବଡ ସହାୟକ ହୋଇଛି। ଓଡିଶାର ଜନସାଧାରଣ ଏବେ ବୁଝିସାରିଛନ୍ତି ଯେ ଏହି ବିବାଦ ପଛରେ ସରକାରଙ୍କ କୌଣସି ଦୋଷ ନାହିଁ, ବରଂ ଏହା ହେଉଛି ସେହିମାନଙ୍କ କାରସାଦି ଯେଉଁମାନେ ଓଡିଶାରେ ଏକ ସ୍ୱଚ୍ଛ ଏବଂ ଜନହିତକର ମୋହନ ମାଝୀ ସରକାରଙ୍କ ସଫଳ ଶାସନକୁ ସହ୍ୟ କରିପାରୁନାହାନ୍ତି, ତେଣୁ ଏହି କୁଚକ୍ରୀମାନଙ୍କୁ କଠୋରରୁ କଠୋରତମ ଦଣ୍ଡ ଦେଇ ଶିକ୍ଷା ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଭାବେ କୁତ ଏବଂ ସ୍ୱଚ୍ଛ କରିବା ହିଁ ବର୍ତମାନର ସରକାରଙ୍କ ସବୁଠାରୁ ବଡ ତମାଚା ହେବ। ନିଶ୍ଚିତ ଭାବେ, ଗୋଟିଏ ଗଣତାନ୍ତ୍ରୀକ ବ୍ୟବସ୍ଥାରେ ଶିକ୍ଷା ଏବଂ ପାଠ୍ୟପୁସ୍ତକ ଭଳି ସମ୍ବେଦନଶୀଳ ପ୍ରସଙ୍ଗକୁ ନେଇ ଯେତେବେଳେ ବିବାଦ କିମ୍ବା ରାଜନୈତିକ ବୟାନବାଜି ଆରମ୍ଭ ହୁଏ, ସେତେବେଳେ ସରକାରଙ୍କ ଭାବମୂର୍ତି ଉପରେ ଏହାର ପ୍ରଭାବ ପଡିବା ସ୍ୱାଭାବିକ। ଅନେକ ସମୟରେ ତଥ୍ୟର ଅଭାବ କିମ୍ବା ପୂର୍ବପ୍ରସ୍ତୁତି ବିଭ୍ରାଟ ଯୋଗୁଁ ଜାତୀୟ ସ୍ତରରେ ବିଭିନ୍ନ ପ୍ରକାରର ଆଲୋଚନା ଓ ସମାଲୋଚନା ସୃଷ୍ଟି ହୋଇଥାଏ, ଯାହା ଶାସନ ବ୍ୟବସ୍ଥା ପ୍ରତି ଏକ ଆହ୍ୱାନ ସଦୃଶ। ଏଭଳି ପରିସ୍ଥିତିରେ, ପ୍ରଶାସନିକ ସ୍ତରରେ ସ୍ୱଚ୍ଛତା ଆଣିବା ଏବଂ ପ୍ରକୃତ ସତ୍ୟକୁ ଲୋକମାନଙ୍କ ସାମ୍ନାକୁ ଆଣିବା ହିଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହୋଇଥାଏ। ଭାରତୀୟ ରାଜନୀତିରେ ଏବଂ ସରକାରୀ ପ୍ରଶାସନରେ ଏଭଳି ଆଭ୍ୟନ୍ତରୀଣ ଟଣାଓଟରା କିମ୍ବା ଗୋଟିଚାଳନାର ଆଶଙ୍କା କୌଣସି ନୂଆ କଥା ନୁହେଁ। ଯେତେବେଳେ ଜଣେ ନେତା ଅପ୍ରତ୍ୟାଶିତ ଭାବେ କିମ୍ବା ଦୃଢ ଜନସମର୍ଥନ ସହ ଶୀର୍ଷ ପଦବୀରେ ପହଂଚିଛି, ସେତେବେଳ ଦଳ ଭିତରେ କିମ୍ବା ପ୍ରଶାସନିକ ସ୍ତରରେ କିଛି ଗୋଷ୍ଠୀକ ମଧ୍ୟରେ ଅସନ୍ତୋଷ କିମ୍ବା ଈର୍ଷାଭାବ ସୃଷ୍ଟି ହେବାର ଅନେକ ଉଦାହରଣ ଇତିହାସରେ ରହିଛି । ଶିକ୍ଷା ବ୍ୟବସ୍ଥା ଭଳି ଏକ ସମ୍ବେଦନଶୀଳ ଏବଂ ସିଧାସଳଖ ଜନସାଧାରଣଙ୍କ ସହ ଜଡିତ ପ୍ରସଙ୍ଗରେ ତ୍ରୁଟି ସୃଷ୍ଟି କରି ସରକାରଙ୍କୁ ଘେରିବା ଏବଂ ମୁଖ୍ୟମନ୍ତ୍ରୀଙ୍କ ଆସନ ପ୍ରତି ସଙ୍କଟ ଆଣିବା ପାଇଁ ଭିତରର କିଛି ଲୋକ ଷଡଯନ୍ତ୍ର କରୁଥାଇ ପାରନ୍ତି-ଆପଣଙ୍କର ଏହି ଆଶଙ୍କାକୁ ସମ୍ପୂର୍ଣ୍ଣ ରୂପେ ଏଡାଇ ଦିଆଯାଇନପାରେ। ରାଜନୈତିକ ସମୀକ୍ଷକଙ୍କ ଅନୁଯାୟୀ, ଏଭଳି ସ୍ଥିତିକୁ ସାମ୍ନା କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଦୁଇଟି ସ୍ତରରେ ସତର୍କ ରହିବାକୁ ପଡିବ।

ପ୍ରଶାସନିକ ଅସ୍ତ୍ରୋପଚାର : ଗୁପ୍ତଚର ଓ ଅଫିସର ସ୍ତରରେ କେଉଁମାନେ ସରକାରୀ ନୀତିକୁ ସାବେଟାଜ୍ (Sabotage) ବା ବିଫଳ କରିବାକୁ ଚେଷ୍ଟା କରୁଛନ୍ତି, ସେମାନଙ୍କୁ ଚିହ୍ନଟ କରିବା।

ଆଭ୍ୟନ୍ତରୀଣ ସମନ୍ୱୟ : ଦଳ ମଧ୍ୟରେ ଥିବା ସମସ୍ତ ଗୋଷ୍ଠୀ ଓ ପ୍ରଭାବଶାଳୀ ନେତାଙ୍କ ସହ ସିଧାସଳଖ ଆଲୋଚନା କରି ନିଜର ସ୍ଥିତିକୁ ଆହୁରି ମଜବୁତ କରିବା।

**ସମ୍ମାନ ଭବନ,**
**ପ୍ଲଟ ନଂ-୫୮/୩୫୮୧,**
**ଗାଙ୍ଗୋତ୍ରୀ ନଗର,**
**ରୋଡ ନଂ-୩, ଶିଶୁପାଳଗଡ,-**
**୭୫୧୦୦୨**
**ମୋବାଇଲ ନଂ-**
୯୪୩୭୯୯୪୩୭୯

# ଅବହେଳାର ଶିକାର ଘାଟକୁଳ-ଝିଙ୍କିରିଆ ସେତୁ

- ଫାଟିଲାଣି କଂକ୍ରିଟ, ସୃଷ୍ଟି ହେଲା ବଡ଼ ବଡ଼ ଗାତ
- ଦୁର୍ଘଟଣାକୁ ଅପେକ୍ଷା କରିଛି କି ବିଭାଗ ?



**ଫୁଲନଖରା,୨।୭ :** କଟକ ଜିଲ୍ଲାର ବୟାଳିଶମୌଜା ଅଞ୍ଚଳର ଜୀବନରେଖା ଭାବେ ପରିଚିତ ଘାଟକୁଳ-ଝିଙ୍କିରିଆ ସେତୁ ଏବେ ନିଜର ସ୍ଥାୟିତ୍ୱକୁ ନେଇ ଗୁରୁତର ପ୍ରଶ୍ନର ସମ୍ମୁଖୀନ। ପ୍ରତିଦିନ ହଜାର ହଜାର ଯାନବାହନ ଓ ସାଧାରଣ ଲୋକଙ୍କ ଯାତାୟାତର ପ୍ରମୁଖ ପଥ ପାଲଟିଥିବା ଏହି ସେତୁ ଏବେ ବିପଦସଙ୍କୁଳ ଅବସ୍ଥାରେ ଥିବା ସତ୍ତ୍ୱେ ରାସ୍ତା ଓ ଗୃହ ନିର୍ମାଣ ବିଭାଗର ଉଦାସୀନତାକୁ ନେଇ ସାଧାରଣରେ ତୀବ୍ର କ୍ଷୋଭ ପ୍ରକାଶ ପାଇଛି। ସେତୁର ବିଭିନ୍ନ ସ୍ଥାନରେ କଂକ୍ରିଟ ଢ଼ଳେଇ ଫାଟି ଆଁ କରିଥିବା ବେଳେ ଅନେକ ସ୍ଥାନରୁ ଢ଼ଳେଇ ଖସି ବଡ଼ ବଡ଼ ଗାତ ସୃଷ୍ଟି ହୋଇଛି। ଫଳରେ ପ୍ରତିଦିନ ଏହି ସେତୁ ଉପରେ ଯାତାୟାତ କରୁଥିବା ଦୁଇଚକିଆ ଓ ଚାରିଚକିଆ ଯାନ ଚାଳକଙ୍କ ପାଇଁ ଏହା ମୃତ୍ୟୁଫାନ୍ଦରେ ପରିଣତ ହୋଇଛି। ବିଶେଷକରି ବର୍ଷା ଦିନରେ ଗାତଗୁଡ଼ିକରେ ପାଣି ଜମି ରହୁଥିବାରୁ ତାହାର ଗଭୀରତା ଜଣାପଡୁନାହିଁ, ଯାହା ଯେକୌଣସି ସମୟରେ ଭୟଙ୍କର ଦୁର୍ଘଟଣାର କାରଣ ପାଲଟିପାରେ। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ଏହି ଗାତ ଯୋଗୁଁ ଅନେକ ଛୋଟବଡ଼ ସଡ଼କ ଦୁର୍ଘଟଣା ଘଟିଥିବା ବେଳେ ବହୁ ଲୋକ ଆହତ ମଧ୍ୟ ହୋଇଛନ୍ତି। ତତ୍କାଳୀନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଶାସନ କାଳରେ ୧୯୮୪ ମସିହାରେ ଏହି ସେତୁର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ୧୯୮୯ ମସିହାରେ ଶେଷ ହୋଇଥିଲା। ପ୍ରାୟ ୩୭ ବର୍ଷ ଧରି ଲୋକଙ୍କ ସେବାରେ ରହିଥିବା ଏହି ସେତୁର ନିୟମିତ ରକ୍ଷଣାବେକ୍ଷଣ କରିବା ପରିବର୍ତ୍ତେ ବିଭାଗ କେବଳ ଉପରଠାଉରିଆ ମରାମତି କରି ନିଜ ଦାୟିତ୍ୱ ସାରିଦେଉଥିବା ଅଭିଯୋଗ ହେଉଛି। ପ୍ରତିଥର କଂକ୍ରିଟ ଫାଟିଲେ କେବଳ ପ୍ୟାଚ୍ ପକାଇ ଛାଡ଼ି ଦିଆଯାଉଛି, କିନ୍ତୁ ସ୍ଥାୟୀ ମରାମତି କିମ୍ବା ବୈଷୟିକ ଯାଞ୍ଚ ପ୍ରତି କୌଣସି ଗୁରୁତ୍ୱ ଦିଆଯାଉନାହିଁ। ଫଳସ୍ୱରୂପ ସେତୁର ଅବସ୍ଥା ଦିନକୁ ଦିନ ସାଂଘାତିକ ହେବାରେ ଲାଗିଛି। ବୁଦ୍ଧିଜୀବୀ ଓ ଅଞ୍ଚଳବାସୀଙ୍କ କହିବା ଅନୁଯାୟୀ, ସେତୁର ସଠିକ୍ ରକ୍ଷଣାବେକ୍ଷଣ ହୋଇଥାନ୍ତା ତେବେ ଆଜି ଏଭଳି ପରିସ୍ଥିତି ଉପୁଜି ନଥାନ୍ତା। ବାରମ୍ବାର ସମସ୍ୟା ଦେଖାଦେଉଥିବା ସତ୍ତ୍ୱେ ବିଭାଗ ନିଦ୍ରାବସ୍ଥାରେ ରହିଥିବାରୁ ସାଧାରଣ ଜନତାଙ୍କ ଜୀବନ ସହ ଖେଳ ଚାଲିଥିବା ଅଭିଯୋଗ ହେଉଛି। କୌଣସି ବଡ଼ ଦୁର୍ଘଟଣା ଘଟିବା ପରେ ପ୍ରଶାସନ ଚେତିବ କି ବୋଲି ଲୋକେ ପ୍ରଶ୍ନ ଉଠାଇଛନ୍ତି। ଏନେଇ ରାସ୍ତା ଓ ଗୃହ ନିର୍ମାଣ ବିଭାଗର କନିଷ୍ଠ ଯନ୍ତ୍ରୀ ରଶ୍ମି ରଞ୍ଜନ ସେଠୀ କହିଛନ୍ତି ଯେ, ସେତୁର ମୁଖ୍ୟ କଂକ୍ରିଟ ଢ଼ଳେଇକୁ ସୁରକ୍ଷା ଦେବା ପାଇଁ ତାହା ଉପରେ ତାରଜାଲି ବିଛାଇ ୫୦ରୁ ୭୫ ମିଲିମିଟର ପର୍ଯ୍ୟନ୍ତ କଂକ୍ରିଟ ୱେୟାରିଂ କୋର୍ସ ଦିଆଯିବାର ବ୍ୟବସ୍ଥା ରହିଛି ଏବଂ ଏହା ପ୍ରତି ପାଞ୍ଚ ବର୍ଷରେ ଥରେ କରାଯିବା ଆବଶ୍ୟକ। କିନ୍ତୁ ଦୀର୍ଘଦିନ ଧରି ଏହି କାମ ହୋଇନଥିବାରୁ ସେତୁର ଉପରିଭାଗ କ୍ଷତିଗ୍ରସ୍ତ ହୋଇଛି। ଟେଣ୍ଡର ପ୍ରକ୍ରିୟା ଶେଷ ହେବା ପରେ ଅତିଶୀଘ୍ର ମରାମତି କାମ ଆରମ୍ଭ ହେବ ବୋଲି ସେ ସୂଚନା ଦେଇଛନ୍ତି। ତେବେ ପ୍ରଶ୍ନ ଉଠୁଛି, ଯେଉଁ ମରାମତି କାମ ପ୍ରତି ପାଞ୍ଚ ବର୍ଷରେ ହେବା କଥା, ତାହା ବର୍ଷ ବର୍ଷ ଧରି କାହିଁକି କରାଗଲା ନାହିଁ? ବିଭାଗର ଏହି ଚରମ ଅବହେଳା ପାଇଁ ଯଦି କୌଣସି ବଡ଼ ଅଘଟଣ ଘଟେ, ତାହାର ଦାୟିତ୍ୱ କିଏ ନେବ ? ଜନସାଧାରଣଙ୍କ ଜୀବନକୁ ବିପଦ ମୁହାଁରେ ଠେଲି ଦେଇ କେବଳ ଟେଣ୍ଡର ଓ ପ୍ରତିଶ୍ରୁତିରେ ସମୟ କାଟିବାକୁ ନେଇ ଅଞ୍ଚଳବାସୀ ବିଭାଗର ଭୂମିକାକୁ ତୀବ୍ର ନିନ୍ଦା କରିବା ସହ ଯୁଦ୍ଧକାଳୀନ ଭିତ୍ତିରେ ସେତୁର ସ୍ଥାୟୀ ମରାମତି ଓ ବୈଷୟିକ ସୁରକ୍ଷା ଯାଞ୍ଚ କରିବାକୁ ଦାବି କରିଛନ୍ତି।

# ମଦରେ ମିଶୁଛି ବିଷାକ୍ତ ସାର

## ବେଆଇନ ମଦ ଭାଟି ବନ୍ଦ ଦାବି
## ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ତଳନାଗୀ ଗ୍ରାମବାସୀ ଓ ମହିଳା ଏସ୍ଏଚ୍‌ଜି



**ଭବାନୀପାଟଣା, ୨।୭:** କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ ଅନ୍ତର୍ଗତ ତଳନାଗୀ ଗ୍ରାମ ପଞ୍ଚାୟତରେ ବେଆଇନ ମଦ କାରବାରକୁ ନେଇ ଜନଅସନ୍ତୋଷ ତୀବ୍ର ରୂପ ଧାରଣ କରିଛି। ପଞ୍ଚାୟତରେ ଦୀର୍ଘ ଦିନ ହେବ ଚାଲିଥିବା ବେଆଇନ ଦେଶୀ ହାତରନ୍ଧା ମଦ ଭାଟିକୁ ସମ୍ପୂର୍ଣ୍ଣ ବନ୍ଦ କରିବା ଦାବିରେ ଆଜି ଶତାଧିକ ମହିଳା ଓ ଗ୍ରାମବାସୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସାମ୍ନାରେ ଏକାଠି ହେବା ସହ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏହି ପରିପ୍ରେକ୍ଷୀରେ ତଳନାଗୀ ସରପଞ୍ଚ, ୱାର୍ଡ ସଭ୍ୟ ଓ ସ୍ଥାନୀୟ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ଜିଲ୍ଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇ ତୁରନ୍ତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଛି।ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଗତ କିଛି ଦିନ ହେବ ପଞ୍ଚାୟତର କେତେକ ଅସାଧୁ ବ୍ୟକ୍ତି ସମ୍ପୂର୍ଣ୍ଣ ବେଆଇନ ଭାବେ ଦେଶୀ ମଦ ପ୍ରସ୍ତୁତ କରି ଖୁଲମଖୁଲା ବିକ୍ରି କରୁଛନ୍ତି। ସବୁଠାରୁ ଉଦ୍ ?ବେଗଜନକ ଏବଂ ସାଂଘାତିକ କଥା ହେଉଛି, ମଦକୁ ଅଧିକ ନିଶାଯୁକ୍ତ କରିବା ପାଇଁ ଅସାଧୁ ବ୍ୟବସାୟୀମାନେ ସେଥିରେ ଆମୋନିଆ ଓ ୟୁରିଆ ଭଳି ମାରାତ୍ମକ ରାସାୟନିକ ସାର ମିଶ୍ରଣ କରୁଛନ୍ତି। ଏହି ବିଷାକ୍ତ ମଦ ପିଇ ଅଞ୍ଚଳରେ ମଦ୍ୟପାନ ଜନିତ ମୃତ୍ୟୁ ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି, ଯାହା ସ୍ଥାନୀୟ ଅଞ୍ଚଳରେ ଏକ ପ୍ରକାର ଆତଙ୍କ ଓ ଭୟର ବାତାବରଣ ସୃଷ୍ଟି କରିଛି।ଏହି ବେଆଇନ ନିଶା କାରବାର ଯୋଗୁଁ ସ୍ଥାନୀୟ ଶ୍ରମିକ ଶ୍ରେଣୀ, ବିଶେଷ କରି ଆଦିବାସୀ ଓ ହରିଜନ ସମ୍ପ୍ରଦାୟର ଗରିବ ପରିବାର ଗୁଡ଼ିକ ସର୍ବାଧିକ ଉଜୁଡ଼ିବାକୁ ବସିଲାଣି। ଅତ୍ୟଧିକ ମଦ୍ୟପାନ ଯୋଗୁଁ ଲୋକଙ୍କ ସ୍ୱାସ୍ଥ୍ୟହାନି ଘଟିବା ସହ ପ୍ରତିଦିନ ପାରିବାରିକ ଅଶାନ୍ତି ଚରମ ସୀମାରେ ପହଞ୍ଚୁଛି। ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଅଭିଯୋଗ କରିଛନ୍ତି ଯେ, ନିଶାଗ୍ରସ୍ତ ହୋଇ ଲୋକେ ଘରେ ଥିବା ଧାନ, ମାଣ୍ଡିଆ ସମେତ ସରକାରୀ ବିପିଏଲ୍ ଚାଉଳ ଓ କାର୍ଡକୁ ମଧ୍ୟ ମଦ ପାଇଁ ବନ୍ଧକ ରଖିଦେଉଛନ୍ତି। ଯାହାଫଳରେ ପରିବାର ଗୁଡ଼ିକରେ ଖାଇବାକୁ ନଥାଇ ଦୁର୍ଦ୍ଦଶା ବଢ଼ିଚାଲିଛି। ପଞ୍ଚାୟତର ଭବିଷ୍ୟତ, ମହିଳାମାନଙ୍କ ସୁରକ୍ଷା ଓ ଶାନ୍ତିରକ୍ଷା ପାଇଁ ଏହି ବେଆଇନ ମଦ ଭାଟି ଗୁଡ଼ିକୁ ସବୁଦିନ ପାଇଁ ବନ୍ଦ କରିବା ଜରୁରୀ ହୋଇପଡ଼ିଛି। ତେଣୁ ଜିଲ୍ଲା ପ୍ରଶାସନ ଓ ଅବକାରୀ ବିଭାଗ ତୁରନ୍ତ ଚଢ଼ାଉ କରି ଏହି ବେଆଇନ କାରବାର ଉପରେ ରୋକ୍ ଲଗାନ୍ତୁ ବୋଲି ଗ୍ରାମବାସୀ ଓ ମହିଳା ସଂଗଠନ ଜିଲ୍ଲାପାଳଙ୍କଠାରେ ଦୃଢ଼ ଦାବି କରିଛନ୍ତି। ପ୍ରଶାସନ ଏହା ଉପରେ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି, ତାହା ଉପରେ ଏବେ ସମଗ୍ର ଅଞ୍ଚଳବାସୀଙ୍କ ନଜର ରହିଛି।

## ଖଣି ବିଭାଗ ପକ୍ଷରୁ ଚଢ଼ଉ
# ମାଟି ବୋଝେଇ ଦୁଇ ଟ୍ରାକ୍ଟର ଜବତ ସହିତ ବେଆଇନ ବାଲି କୁ ବନ୍ଦ କଲା ପୋଲିସ ପ୍ରଶାସନ



**ଚିକିଟୀ,୨।୭ :** ଗଞ୍ଜାମ ଜିଲ୍ଲା ଚିକିଟୀ ତହସିଲ ରେ ବୋହି ଯାଉଥିବା ବାହୁଦା ନଦୀରେ ବାଲି ମାଫିଆଙ୍କ ଲୋଲୁପ ଦୃଷ୍ଟି ପଡ଼ିଥିବା ବେଳେ ଖଣି ବିଭାଗ ପକ୍ଷରୁ ଚଢ଼ାଉ ଜାରି ରହିଛି। ଆଜି ଖଣି ବିଭାଗ ଅଧିକାରୀ ଏବଂ ସ୍ଥାନୀୟ ପୋଲିସ ସହାୟତା ରେ ବେଆଇନ ବାଲି ଉତ୍ତୋଳନକୁ ରୋକିବା ପାଇଁ ଚିକିଟୀ ତହସିଲ ଅଧୀନରେ ଥିବା ଚରିଆପଡାରେ ଅନଧିକୃତ ବାଲି ଖଣି ସ୍ଥଳରେ ଏକ ଟ୍ରେଞ୍ଚ ଖୋଳାଯାଇଛି। ଅପର ପକ୍ଷେ ଚିକିଟୀ ରାଜସ୍ୱ ସର୍କଲ ରେ ଥିବା କେ ଖୁଦୁଡ଼ି ଗ୍ରାମ ନିକଟରୁ ବେଆଇନ ଭାବେ ମାଟି ଚାଲାଣ ହେଉଥିବା ବେଳେ କୃଷ୍ଣପୁର ନିକଟରୁ ଦୁଇଟି ମାଟି ବୋଝେଇ ଟ୍ରାକ୍ଟର ଜବତ କରି କେ ନୂଆଗାଁ ପୋଲିସ କୁ ହସ୍ତାନ୍ତର କରିଛି ଖଣି ବିଭାଗ। ଆଗାମୀ ଦିନରେ ଚଢ଼ାଉ ଜୋରଦାର କରାଯିବ ବୋଲି ବିଭାଗୀୟ ଅଧିକାରୀ ସୂଚନା ଦେଇଥିବା ବେଳେ ବଡ଼ କେଳାଝୁରି ନିକଟ ବାହୁଦା ନଦୀରୁ ବେଆଇନ ବାଲି ଚାଲାଣ ଉପରେ ପ୍ରଶାସନ କେବେ ଚଢ଼ାଉ କରିବ ବୋଲି ବୃଦ୍ଧିଜୀବୀ ମହଲ ରେ ମତ ପ୍ରକାଶ ପାଇଛି।

# ବିଦ୍ୟୁତ ସେବାର ଉନ୍ନତି ଓ ଉପଭୋକ୍ତାଙ୍କ ବିଭିନ୍ନ ସମସ୍ୟାର ସମାଧାନ ସମ୍ପର୍କରେ ଦାବିପତ୍ର




**ବସ୍ତା,୨।୭ :** ବସ୍ତା ବିଦ୍ୟୁତ ଉପଭୋକ୍ତା ମଞ୍ଚ ପକ୍ଷରୁ ବିଦ୍ୟୁତ ବିଭାଗ ଉପଖଣ୍ଡ ଅଧିକାରୀଙ୍କୁ ବିଦ୍ୟୁତ ସମସ୍ୟାକୁ ନେଇ ଏକ ଦାବି ପ୍ରଦାନ କରିଛନ୍ତି। ବିଭାଗର ବିଭିନ୍ନ ସମସ୍ୟା ନେଇ ବସ୍ତା ଅଞ୍ଚଳର ବିଦ୍ୟୁତ ଉପଭାକ୍ତା ମାନେ ଦୀର୍ଘଦିନ ଧରି ବିଭିନ୍ନ ସମସ୍ୟାର ଲାଗି ରହିଥିବାରୁ ଉପଭୋକ୍ତାମାନେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବାରମ୍ବାର ବିଦ୍ୟୁତ ବିଭ୍ରାଟ,ଲୋ ଭୋଲଟ୍ଟେଜ,ଅଭିଯୋଗର ତୁରନ୍ତ ସମାଧାନ ନ ହେବା,ନୂଆ ବିଦ୍ୟୁତ ଖୁଣ୍ଟି ଓ ଲାଇନ ବିସ୍ତାରରେ ବିଳମ୍ବ,ଟ୍ରାନ୍ସଫର୍ମର ମରାମତି କିମ୍ବା ପରିବର୍ତ୍ତନରେ ଅବହେଳା ଆଦି କାରଣରୁ ସାଧାରଣ ଜନତା ଅତ୍ୟନ୍ତ ହଇରାଣ ହରକତ ହେଉଛନ୍ତି।ଏଣୁ ବିଦ୍ୟୁତ ଉପଭୋକ୍ତା ମଞ୍ଚ,ବସ୍ତା ପକ୍ଷରୁ ନିମ୍ନଲିଖିତ ଦାବିଗୁଡ଼ିକ ଉପରେ ତୁରନ୍ତ ପଦ କ୍ଷେପ ନେବା ପାଇଁ ଦାବି କରିଛନ୍ତି।ଅଞ୍ଚଳରେ ନିରବଚ୍ଛିନ୍ନ ଓ ଗୁଣାତ୍ମକ ବିଦ୍ୟୁତ ସେବା ପ୍ରଦାନ କରାଯାଉ।ବାରମ୍ବାର ବିଦ୍ୟୁତ କାଟ ଓ ଲୋ-ଭୋଲଟ୍ଟେଜ ସମସ୍ୟାର ସ୍ଥାୟୀ ସମାଧାନ କରାଯାଉ।ନୂଆ ବିଦ୍ୟୁତ ଖୁଣ୍ଟି,ଲାଇନ ବିସ୍ତାର ଓ ଟ୍ରାନ୍ସଫର୍ମର ସ୍ଥାପନ କାର୍ଯ୍ୟ ଶୀଘ୍ର ସମ୍ପନ୍ନ କରାଯାଉ।ଉପଭୋକ୍ତାଙ୍କ ଅଭିଯୋଗର ନିର୍ଦ୍ଧାରିତ ସମୟ ମଧ୍ୟରେ ସମାଧାନ କରା ଯାଉ ବୋଲି ବସ୍ତା ଉପଖଣ୍ଡ ଅଧିକାରୀଙ୍କୁ ଏକ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି।ବିଦ୍ୟୁତ କର୍ମଚାରୀ ଓ ଅଧିକାରୀ ମାନେ ଉପ ଭୋକ୍ତାଙ୍କ ସହ ସୌଜନ୍ୟ ମୂଳକ ବ୍ୟବହାର,ବିଦ୍ୟୁତ ଖୁଣ୍ଟି,ତାର ଓ ଅନ୍ୟାନ୍ୟ ବିପଦଜନକ ସ୍ଥାନ ଗୁଡ଼ିକର ତୁରନ୍ତ ମରାମତି କରାଯାଇ ଜନସାଧାରଣଙ୍କ ସୁରକ୍ଷା ସୁନିଶ୍ଚିତ କରାଯାଉ।ବିଦ୍ୟୁତ ବିଲ ସମ୍ବନ୍ଧୀୟ ଅଭିଯୋଗ ଗୁଡ଼ିକର ସ୍ୱଚ୍ଛ ଓ ଶୀଘ୍ର ସମାଧାନ କରାଯାଉ।ଉପରୋକ୍ତ ଦାବି ଗୁଡ଼ିକୁ ଗୁରୁତ୍ୱର ସହ ବିଚାର କରି ଶୀଘ୍ର ପଦକ୍ଷେପ ନେବାକୁ ଅନୁରୋଧ କରିଥିଲେ। ଯଦି ଯଥାଶୀଘ୍ର ସମାଧାନ ନ କରାଯାଏ ତେବେ ବିଦ୍ୟୁତ ଉପଭୋକ୍ତା ମଞ୍ଚ ଆଇନ ସମ୍ମତ ଓ ଶାନ୍ତିପୂର୍ଣ୍ଣ ଗଣତାନ୍ତ୍ରିକ ଆନ୍ଦୋଳନ ଜାରି ରଖିବାକୁ ବାଧ୍ୟ ହେବୁ ବୋଲି ଚେତାବନୀ ଦେଇଛନ୍ତି।

# ଜମି ଜବରଦଖଲ ଉଚ୍ଛେଦରେ ପୌରପାଳିକା କାର୍ଯ୍ୟ ନିର୍ବାହ ଅଧିକାରୀଙ୍କ ପାତର ଅନ୍ତର ନିତି



**ବାସୁଦେବପୁର, ୨।୭ :** ଭଦ୍ରକ ବାସୁଦେବପୁର ପୌରପାଳିକା ଅନ୍ତର୍ଗତ ସୁରେଶ୍ୱରପୁର ରେ ସରକାରୀ ଜମି ଜବରଦଖଲ ଉଚ୍ଛେଦ କରାଯାଇଛି। ପୌରପାଳିକା ପକ୍ଷରୁ ପ୍ରତ୍ୟେକ ୱାର୍ଡ଼ ର ଉନ୍ନତି ପାଇଁ ସରକାରଙ୍କ ଯୋଜନା ରେ ଯୁବକ ତଥା ପିଲାମାନଙ୍କ ପାଇଁ ସରକାରୀ ଜମିରେ ଏକ ଚିଲିଡ୍ରେନ ପାର୍କ ନିର୍ମାଣ ଉଦ୍ଦେଶ୍ୟରେ ଗୁରୁବାର ଦିନ ସରକାରୀ ଜମି ଉଚ୍ଛେଦ କରାଯାଇଛି। ପୌରପାଳିକା କାର୍ଯ୍ୟ ନିର୍ବାହ ଅଧିକାରୀ ସୁଧାଂଶୁ ମୋହନ ସ୍ୱାଇଁ, ଯନ୍ତ୍ରୀ,ୱାର୍ଡ଼ ଅଫିସର ସହିତ ବାସୁଦେବପୁର ପୋଲିସ ଙ୍କ ଉପସ୍ଥିତି ଜେସିବି ଦ୍ୱାରା ଉଚ୍ଛେଦ କରାଯାଇଥିଲା। ଗ୍ରାମବାସୀଙ୍କ ସୂଚନା ଅନୁଯାୟୀ ଉକ୍ତ ସ୍ଥାନରେ ସରକାରୀ ଜମି କୁ ଅନେକ ଲୋକ ଜବରଦଖଲ କରି ଦୀର୍ଘ ଦିନ ହେଲା ଚଳି ଆସୁଛନ୍ତି। ହେଲେ ଆଜି ଜବରଦଖଲ ଉଚ୍ଛେଦ କେବଳ ଜଣଙ୍କ ର କରାଯାଇଥିଲା। ଗ୍ରାମବାସୀଙ୍କ କହିବା ଅନୁସାରେ ସେମାନେ ସରକାରଙ୍କ ଯୋଜନା କୁ ଏବଂ ଜବରଦଖଲ ଉଚ୍ଛେଦ କାର୍ଯ୍ୟ କୁ ବିରୋଧ କରିବାର ନାହିଁ। ସମସ୍ତ ସରକାରୀ ଜମି ଉପରୁ ଜବରଦଖଲ ଉଚ୍ଛେଦ କରାଯାଉ ବୋଲି ଅଭିଯୋଗ କରିଛନ୍ତି।ହେଲେ ପୌରପାଳିକା ଅଧିକାରୀଙ୍କ ପାତର ଅନ୍ତର ନୀତି ଯୋଗୁଁ ଗ୍ରାମର ଅନ୍ୟମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଯଦି ଆଗାମୀ ଦିନରେ ଜବରଦଖଲ ଉଚ୍ଛେଦ ସମସ୍ତ ଙ୍କର ନ ହୁଏ ତେବେ ଆମେ ଏହାକୁ ବିରୋଧ କରିବୁ। ଆଗକୁ ପୌରପାଳିକା ପକ୍ଷରୁ ଜବରଦଖଲ ଉଚ୍ଛେଦ ସମସ୍ତ ଙ୍କର ହେଉଛି ନା ନିର୍ଦ୍ଦିଷ୍ଟ କେତେ ଜଣଙ୍କର ହେଉଛି ତାହା ଦେଖିବାକୁ ବାକି ରହିଲା।

# ବିପଦକୁ ଡାକୁଚି ରାସ୍ତା କଡ଼ରେ ଥିବା ଦଣ୍ଡାୟମାନ ଶୁଖିଲା ଗଛ



**ବଣାଇଁ,୨।୭ :** ବଣେଇ ବନଖଣ୍ଡ ଅନ୍ତର୍ଗତ ଜକେଇକଳା ଗ୍ରାମ ପଞ୍ଚାୟତର ଜକୈକଲା ରୁ ବଡପୋଷ ଗ୍ରାମର ଗାଉନ୍ତିସା ସାହି ନିକଟ ମେନ ରୋଡ ସାଇଡ ରେ ଅନେକ ଶୁଖିଲା ଗଛ ବହୁ ଦୀନ ହେଲା ଠିଆ ହୋଇ ରହିଛୀ । କେତେ ବେଳେ କାହା ଉପରେ ନପଡିବ କହି ହେବନାହିଁ। ବିପଦକୁ ଆମନ୍ତ୍ରଣ କରୁଛି ଏହି ଶୁଖିଲା ଗଛ। କାହାର ନଜର ନାହିଁ ଏଇ ଶୁଖିଲା ଗଛ ଉପରେ । ସେହି ରାସ୍ତାଦେଇ ଜାଙ୍ଗଳା ପଟକୁ ପ୍ରତ୍ୟେକ ଦିନ ସହ ସହ ଗାଡ଼ି ଯିବା ଆସିବା କରିବା ସହିତ ସବୁ ବେଳେ ସେହି ରାସ୍ତା ଦେଇ ପଥଚାରି, ଗ୍ରାମବାସୀ ମାନେ ଯିବା ଆସିବା କରିଥାନ୍ତି । ଆଗାମି ଦିନରେ ଗୋଟେ ବଡ ଧରଣର ଦୁର୍ଘଟଣାକୁ ଏଡ଼ାଇ ହେବନାହିଁ। ଏହାକୁ ଆଖି ଆଗରେ ରଖି ଜଙ୍ଗଲ ବିଭାଗ ଏହା ଉପରେ ଯଥାଶୀଘ୍ର ଉଚିତ୍ ପଦକ୍ଷେପ ନେବା ନିତ୍ୟାନ୍ତ ଆବଶ୍ୟକ।

# 'ବିକଶିତ ଭାରତ-ରୋଜଗାର ଗ୍ୟାରେଣ୍ଟି ଓ ଆଜୀବିକା ମିଶନ'ର ଶୁଭାରମ୍ଭ



**ବାଲେଶ୍ୱର,୨।୭ :** ବିକଶିତ ଭାରତ-ରୋଜଗାର ଗ୍ୟାରେଣ୍ଟି ଏବଂ ଆଜୀବିକା ମିଶନ (ଗ୍ରାମୀଣ) (VB-G RAM G)ର ଜିଲ୍ଲାସ୍ତରୀୟ ଜନସମ୍ମିଳନୀ ଓ ଶୁଭାରମ୍ଭ କାର୍ଯ୍ୟକ୍ରମ ବୁଧବାର ବାଲେଶ୍ୱର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା।କାର୍ଯ୍ୟକ୍ରମରେ ଜିଲ୍ଲା ଯୋଜନା ସମିତିର ଅଧ୍ୟକ୍ଷ ତଥା ସିମୁଳିଆ ବିଧାୟକ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଓ ଉପାଧ୍ୟକ୍ଷ, ସଦର ବିଧାୟକ, ମୁଖ୍ୟ ଉନ୍ନୟନ ଅଧିକାରୀ-ତଥା-ଜିଲ୍ଲା ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରମୁଖ ଯୋଗଦେଇ ଯୋଜନାର ଶୁଭାରମ୍ଭ କରିଥିଲେ। ଅତିଥିମାନେ ତାଙ୍କ ବକ୍ତବ୍ୟରେ ଗ୍ରାମାଞ୍ଚଳରେ ରୋଜଗାର ସୃଷ୍ଟି, ସ୍ଥାୟୀ ସମ୍ପତ୍ତି ନିର୍ମାଣ, ପ୍ରାକୃତିକ ସମ୍ପଦର ସଂରକ୍ଷଣ, ମହିଳା ସଶକ୍ତିକରଣ ଓ ଗ୍ରାମୀଣ ଜୀବିକାର ବିକାଶ କ୍ଷେତ୍ରରେ ଏହି ଯୋଜନାର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ସେମାନେ ଜନସାଧାରଣଙ୍କୁ ଯୋଜନାର ସୁବିଧାର ସଦ୍‌ବ୍ୟବହାର କରି ଗ୍ରାମ ବିକାଶରେ ସକ୍ରିୟ ସହଭାଗିତା ନେବାକୁ ଆହ୍ୱାନ ଦେଇଥିଲେ।ଜନସମ୍ମିଳନୀରେ ପଞ୍ଚାୟତ ପ୍ରତିନିଧି, ଯୁବ ପ୍ରତିନିଧି, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, ବିଭିନ୍ନ ବିଭାଗର ଅଧିକାରୀ ଓ ବହୁ ସଂଖ୍ୟକ ଜନସାଧାରଣ ଉପସ୍ଥିତ ଥିଲେ। ଯୋଜନାର ବୈଶିଷ୍ଟ୍ୟ, କାର୍ଯ୍ୟ ପରିକଳ୍ପନା ଓ କାର୍ଯ୍ୟାନ୍ୱୟନ ପ୍ରକ୍ରିୟା ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଇଥିଲା।ପରେ ସଦର ବ୍ଲକର ଓଲଦା ସାରଗାଁ ପଞ୍ଚାୟତରେ ଯୋଜନା ଅଧୀନରେ ଏକ ନୂତନ ବୃକ୍ଷରୋପଣ କାର୍ଯ୍ୟର ଶୁଭାରମ୍ଭ ହୋଇଥିଲା। ଏହି ଅବସରରେ ମୁଖ୍ୟ ଉନ୍ନୟନ ଅଧିକାରୀ-ତଥା-କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଏବଂ ସଦର ବ୍ଲକ ଉନ୍ନୟନ ଅଧିକାରୀ ଚାରାରୋପଣ କରି ପରିବେଶ ସୁରକ୍ଷା ଓ ସବୁଜ ବାଲେଶ୍ୱର ଗଠନ ପାଇଁ ସମସ୍ତଙ୍କୁ ପ୍ରେରିତ କରିଥିଲେ।ଏହି କାର୍ଯ୍ୟକ୍ରମ ମାଧ୍ୟମରେ VB-G RAM G ଯୋଜନାର ସଫଳ କାର୍ଯ୍ୟାନ୍ୱୟନ ସହ ଗ୍ରାମାଞ୍ଚଳରେ ରୋଜଗାର ସୃଷ୍ଟି, ପରିବେଶ ସଂରକ୍ଷଣ ଏବଂ ସମନ୍ୱିତ ଗ୍ରାମୀଣ ବିକାଶ ଦିଗରେ ଏକ ନୂତନ ଅଧ୍ୟାୟର ଶୁଭାରମ୍ଭ ହୋଇଥିବା ମତ ପ୍ରକାଶ ପାଇଥିଲା।

# ପିଏମଶ୍ରୀ ବିଦ୍ୟାଳୟ ଠାରେ ନିଶା ମୁକ୍ତ ଓଡିଶା ଅଭିଯାନ



**କୋଟପାଡ଼,୨।୭ :** ଆଜି କୋଟପାଡ଼ ପି.ଏମ.ଶ୍ରୀ ବିଦ୍ୟାଳୟ ଠାରେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ନିଶା ମୁକ୍ତ ଓଡିଶା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା, ଆଜିର ଏହି କାର୍ଯ୍ୟକ୍ରମ କୋଟପାଡ଼ ଥାନା ଅଧିକାରୀ ଫକିର ମହୋନ ଖୋରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା, ଅନ୍ୟ ମାନଙ୍କ ମଧ୍ୟରେ କୋଟପାଡ଼ ଓକିଲ ସଙ୍ଘ ସଭାପତି ମଣି ପ୍ରସାଦ ପଟ୍ଟନାୟକ,ସରକାରୀ ଓକିଲ କିଶୋର ମିଶ୍ର,ବିଦ୍ୟାଳୟ ପ୍ରଧାନ ଶିକ୍ଷୟତ୍ରୀ ତଥା ଭାରପ୍ରାପ୍ତ ଗୋଷ୍ଠି ଶିକ୍ଷା ଅଧିକାରୀ ସବିତାରାଣୀ ଷଡ଼ଙ୍ଗୀ,କମିଟି ସଭାପତି, ସମ୍ପାଦକ ଏବଂ ସଦସ୍ୟ ପ୍ରଦୀପ ରଥ, ସୀତାନାଥ ବିଶ୍ୱାଳ, ଭାରତ ମିଡ଼ିଆ ଆସସେସିୟନ ସଙ୍ଘର ସଭାପତି ଅଜୟ ମିଶ୍ର, ଉପସଭାପତି ସୁନୀଲ ଦାସ, ସଦସ୍ୟ ସୁଶାନ୍ତ ଦାସ ପ୍ରମୁଖ ଉପସ୍ଥିତ ଥିଲେ, ବିଦ୍ୟାଳୟର ଶିକ୍ଷକ,ଶିକ୍ଷୟତ୍ରୀ ଏବଂ ଛାତ୍ର,ଛାତ୍ରୀମାନେ ଉପସ୍ଥିତ ରହି ଆଜିର କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବାର ଦେଖିବାକୁ ମିଳିଥିଲା,ଏହି କାର୍ଯ୍ୟକ୍ରମର ମୂଳଲକ୍ଷ ହେଲା ଆଜିର ଦୁନିଆରେ ଯୁବ ପିଢ଼ି କିପରି ନିଶା ଜିନିଷ ଠାରୁ ଦୂରରେ ରହିବେ ଓ ସୁରକ୍ଷିତ ଜୀବନ ଜାପନ କରିବେ,ଶିକ୍ଷା ଓ କ୍ରୀଡାପ୍ରତି ଧ୍ୟାନ ଦେବେ ଏହା ହେଉଛି ମୂଳ ଉଦେଶ୍ୟ,ଆଗାମୀ ଦିନରେ ଏହିପରି କାର୍ଯ୍ୟକ୍ରମ କରି ସଚେତନତା କରିବା ପାଇଁ ଆଭାହନ ପ୍ରଦାନ କରାଯାଇଥିଲା,କୋଟପାଡ଼ ପୋଲିସ ପକ୍ଷରୁ ଆଗାମୀ ଦିନରେ ଏହିପରି ସଚେତନତା କାର୍ଯ୍ୟକ୍ରମ କରାଯାଇ କୋଟପାଡ଼ ଅଞ୍ଚଳର ସମସ୍ତ ଯୁବପିଢ଼ି ମାନଂକୁ ଆଶ୍ୱସନା ଦେଇ ସଚେତନ କରାଯିବ ବୋଲି ପ୍ରକାଶ କରିଥିଲେ,ଆଜିର ଏହି କାର୍ଯ୍ୟକ୍ରମରେ ପି.ଏମ.ଶ୍ରୀ ବିଦ୍ୟାଳୟରେ ଉପସ୍ଥିତ ସମସ୍ତ ଛାତ୍ର,ଛାତ୍ରୀ ମାନଂକୁ କିପରି ନିଶା ଠାରୁ ଦୁରେଇ ରହିବେ, ଏବଂ କ୍ରୀଡା, ବ୍ୟାୟାମ ପ୍ରତି ଆକୃଷ୍ଟ ହେଇ ନିଜ ଶରୀର ସୁସ୍ଥ ରଖିବେ ଓ ନିଜ ଶିକ୍ଷା ପ୍ରତି ଉନ୍ନତି ଆଣିବେ ବିସ୍ତୃତ ଭାବରେ କୋଟପାଡ଼ ଥାନା ଅଧିକାରୀ ଫକିର ମୋହନ ଖୋରା ଓ ଓକିଲ ସଙ୍ଘ ସଭାପତି ମଣି ପ୍ରସାଦ ପଟ୍ଟନାୟକ, ସରକାରୀ ଓକିଲ କିଶୋର ଚନ୍ଦ୍ର ମିଶ୍ର ଆଲୋଚନା କରିବା ସହିତ ଉପଦେଶ ପ୍ରଦାନ କରିଥିଲେ।

## ବିଚିତ୍ରପୁର ଇକୋ-ଟୁରିଜିମ ବଳୟରେ ଅବାଧ ପକ୍ଷୀ ଶିକାର
# ୪୧୦ ପକ୍ଷୀ ସହ ଜଣେ ଗିରଫ, ବନ ବିଭାଗର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନ




**ବାଲେଶ୍ୱର,୨।୭ :** ଭୋଗରାଇ ବ୍ଲକ ଅଧୀନ ବିଚିତ୍ରପୁର ଇକୋ-ଟୁରିଜିମ ବଳୟରେ ଦୀର୍ଘଦିନ ଧରି ଚାଲିଆସୁଥିବା ବେଆଇନ ପକ୍ଷୀ ଶିକାର ଘଟଣା ପୁଣିଥରେ ସାମ୍ନାକୁ ଆସିଛି। ବନ ବିଭାଗର ଏକ ସ୍ୱତନ୍ତ୍ର ଚଢ଼ାଉରେ ଜଣେ ଶିକାରୀଙ୍କୁ ଗିରଫ କରାଯାଇଥିବା ବେଳେ ତାଙ୍କ ନିକଟରୁ ୪୧୦ଟି ବିଦେଶୀ ପକ୍ଷୀ ଏବଂ ଏକ ଇଞ୍ଜିନଚାଳିତ ଡଙ୍ଗା ଜବଦ କରାଯାଇଛି। ତେବେ ଅନ୍ୟ ଚାରିଜଣ ଶିକାରୀ ଫେରାର ହୋଇଯାଇଛନ୍ତି। ଜବଦ ହୋଇଥିବା ପକ୍ଷୀମାନଙ୍କ ମଧ୍ୟରୁ ୨୯୭ଟି ଜୀବନ୍ତ ଓ ୧୧୩ଟି ମୃତ ଅବସ୍ଥାରେ ଥିବା ଜଣାପଡ଼ିଛି। ଗିରଫ ଅଭିଯୁକ୍ତ ବାଲିଆପାଳ ଥାନା ଅନ୍ତର୍ଗତ ଚୌମୁଖ ଅଞ୍ଚଳର କାଳିଚରଣ ମଣ୍ଡଳ ବୋଲି ଜିଲ୍ଲା ବନ୍ୟପ୍ରାଣୀ ଅଧିକାରୀ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ, ବିଚିତ୍ରପୁରର ସଂରକ୍ଷିତ ଜଙ୍ଗଲ ଓ ସମୁଦ୍ର ଅଞ୍ଚଳକୁ ପ୍ରତିବର୍ଷ ହଜାର ହଜାର ବିଦେଶୀ ପକ୍ଷୀ ଆସିଥାନ୍ତି। ସେମାନଙ୍କ ସୁରକ୍ଷା ଓ ସଂରକ୍ଷଣ ପାଇଁ ସରକାରଙ୍କ ପକ୍ଷରୁ ବ୍ୟାପକ ବ୍ୟୟ କରାଯାଉଥିବା ବେଳେ ରେଞ୍ଜର, ବନପାଳ, ବନରକ୍ଷୀ, ସବୁଜ ବାହିନୀ ଓ ଅନ୍ୟାନ୍ୟ ସୁରକ୍ଷା କର୍ମଚାରୀ ନିୟୋଜିତ ଅଛନ୍ତି। ତଥାପି ଶିକାରୀମାନେ ନିୟମିତ ଭାବେ ସଂରକ୍ଷିତ ଅଞ୍ଚଳକୁ ପ୍ରବେଶ କରି ପକ୍ଷୀ ଶିକାର କରୁଥିବା ଘଟଣା ବନ ବିଭାଗର କାର୍ଯ୍ୟଦକ୍ଷତାକୁ ନେଇ ପ୍ରଶ୍ନ ଉଠାଇଛି।ବନ ବିଭାଗ ସୂତ୍ରରୁ ପ୍ରକାଶ ଯେ, ଗୁପ୍ତ ସୂଚନା ଆଧାରରେ ଜଳେଶ୍ୱର ଭାରପ୍ରାପ୍ତ ରେଞ୍ଜର ସଞ୍ଜୟ କୁମାର ମହାନ୍ତିଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ରାତି ୧୧ଟାରୁ ସମୁଦ୍ର ମଝିରେ ଛକି ରହିଥିଲା। ଭୋର ପ୍ରାୟ ୪ଟା ସମୟରେ ଚଢ଼ାଉ କରି ଜଣେ ଶିକାରୀଙ୍କୁ କାବୁ କରାଯାଇଥିବା ବେଳେ ଅନ୍ୟ ଚାରିଜଣ ଅନ୍ଧାରର ସୁଯୋଗ ନେଇ ଫେରାର ହୋଇଯାଇଥିଲେ। ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ, କାଳିଚରଣ ମଣ୍ଡଳ ଓ ତାଙ୍କ ସହଯୋଗୀମାନେ ପ୍ରତିଦିନ ଭୋର ପୂର୍ବରୁ ସୁବର୍ଣ୍ଣରେଖା ମୋହନା ପାର କରି ବିଚିତ୍ରପୁର ଇକୋ-ଟୁରିଜିମ ବଳୟରେ ପ୍ରବେଶ କରି ପକ୍ଷୀ ଶିକାର କରୁଥିଲେ। ପରବର୍ତ୍ତୀ ସମୟରେ ସେହି ପକ୍ଷୀଗୁଡ଼ିକୁ ବାଲିଆପାଳ ଚୌମୁଖ ଓ ଆଖପାଖ ଅଞ୍ଚଳରେ ବିକ୍ରି କରାଯାଉଥିବା ସୂଚନା ମିଳିଛି।ଏତେ କଡ଼ା ସୁରକ୍ଷା ବ୍ୟବସ୍ଥା ଥିବା ସତ୍ତ୍ୱେ ଶିକାରୀମାନେ କିପରି ସଂରକ୍ଷିତ ଅଞ୍ଚଳକୁ ନିୟମିତ ଭାବେ ପ୍ରବେଶ କରୁଥିଲେ, ତାହାକୁ ନେଇ ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଘଟଣାର ନିରପେକ୍ଷ ତଦନ୍ତ ସହ ଦାୟୀ ବ୍ୟକ୍ତିଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି।

ପ୍ରତିଶବ୍ଦ TV

ଭୁବନେଶ୍ୱର, ୩ ଜୁଲାଇ ୨୦୨୬

# ବସ୍ତା ତହସିଲ ପକ୍ଷରୁ ଜବରଦଖଲ ଉଚ୍ଛେଦ

## ବର୍ଷାରେ ଜଳମଗ୍ନ ହେଉଥିବା ଅଞ୍ଚଳବାସୀଙ୍କୁ ମିଳିଲା ଆଶ୍ୱସ୍ତି



**ବସ୍ତା,୨ ।୭ :** ବ୍ଲକ ରଘୁନାଥପୁର ପଞ୍ଚାୟତ ଅନ୍ତର୍ଗତ ଗିଲାଯୋଡ଼ି ଗାଁରେ ଥିବା ସରକାରୀ ପାଣି ନିଷ୍କାସନ ନାଳର ପ୍ରାୟ ୧୩ଡିସମିଲ ଅଞ୍ଚଳକୁ ସେହି ଗ୍ରାମର ବାଇଧର ଜେନାଙ୍କ ପୁଅ ପ୍ରଦୀପ ମାଟି ପକାଇ ପୋତି ଦେଇଥିଲେ। ସେହି ଜାଗାରେ ସେ କଂକ୍ରିଟ ରାସ୍ତା, ଗୁହାଳଘର ପକ୍କାଘର ନିର୍ମାଣ କରିଥିଲେ, ପରେ ସେଠାରେ ବେଆଇନ ଭାବେ ବାଲି ଗଛିତ କରି ଚୁରା ଚାଲାଣ କରୁଥିଲେ। ନାଳ ବନ୍ଦ ହୋଇଯିବାରୁ ବର୍ଷା ଋତୁରେ ଆଖପାଖ ଗାଁର ପାଣି ବାହାରକୁ ଯାଇ ପାରୁ ନଥିଲା। ଫଳରେ ପ୍ରତିବର୍ଷ ଚାଷ ଜମି ଓ ଘରଦ୍ୱାର ଜଳମଗ୍ନ ହେଉଥିଲା। ଏନେଇ ଗ୍ରାମବାସୀ ବାରମ୍ବାର ବସ୍ତା ତହସିଲଦାରଙ୍କ ନିକଟରେ ଅଭିଯୋଗ କରିଆସୁଥିଲେ। ଜବରଦଖଲକାରୀଙ୍କୁ ଗତ ୧୫ଦିନ ପୂର୍ବରୁ ନିଜେ ସେମାନଙ୍କ ନିର୍ମାଣ ଭାଙ୍ଗିବା ପାଇଁ ତହସିଲ ପକ୍ଷରୁ ନୋଟିସ ଜାରି ହୋଇଥିଲା,କିନ୍ତୁ ପ୍ରଦୀପ ତାହା ମାନିନଥିଲେ। ବୁଧବାର ସକାଳେ ବସ୍ତା ଅତିରିକ୍ତ ତହସିଲଦାର ପିଜ୍ୟୁସକାନ୍ତ ପ୍ରଧାନ, ରାଜସ୍ୱ ନିରୀକ୍ଷକ ମନୋଜ ସେଠି ଓ ସିଂଲା ପୋଲିସର ଏକ ପ୍ଲାଟୁନ ଫୋର୍ସ ଘଟଣାସ୍ଥଳରେ ପହଞ୍ଚିଥିଲେ। ଜେସିବି ମେସିନ ସାହାଯ୍ୟରେ ବେଆଇନ ରାସ୍ତାକୁ ଖୋଳି ନାଳାକୁ ପୂର୍ବ ଅବସ୍ଥାକୁ ଫେରାଯାଇଛି। ସେହିପରି ବେଆଇନ ସମସ୍ତ ନିର୍ମାଣକୁ ମଧ ଭଙ୍ଗାଯାଇଛି। ପ୍ରାୟ ଦୁଇ ଘଣ୍ଟା ଧରି ଚାଲିଥିବା ଏହି ଅଭିଯାନରେ ପ୍ରାୟ ୧୩ଡିସମିଲ ସରକାରୀ ଜମି ଉଦ୍ଧାର ହୋଇଛି ।ଉଚ୍ଛେଦ ପରେ ଗ୍ରାମବାସୀ ତହସିଲ ପ୍ରଶାସନକୁ ଧନ୍ୟବାଦ ଜଣାଇଛନ୍ତି ।ଗ୍ରାମବାସୀ କହିଛନ୍ତି ଦୀର୍ଘ ବର୍ଷ ହେଲା ଆମ ଜମିରେ ପାଣି ଅଟକି ରହୁଥିଲା,ଏବେ ନାଳ ଖୋଲିଯିବାରୁ ଆଉ ଆମ ଫସଲ ନଷ୍ଟ ହେବନାହିଁ କି ଯିବା ଆସିବାରେ ଅସୁବିଧା ହେବନି। ବସ୍ତା ତହସିଲ ପକ୍ଷରୁ ସୂଚନା ଦିଆଯାଇଛି, ସରକାରୀ ନାଳ, ଗୋଚର, ଅନାବାଦି ଓ ଜଳାଶୟ ଜମିକୁ କେହି ଜବରଦଖଲ କରିପାରିବେ ନାହିଁ ।ବସ୍ତା ଅଞ୍ଚଳରେ ଯେଉଁଠି ବି ଏଭଳି ଅଭିଯୋଗ ଆସିବ, ସେଠାରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବ ।ଉକ୍ତ ଉଚ୍ଛେଦ ସମୟରେ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇନଥିଲା।

### ଜନଶକ୍ତି ଆଗରେ ନଇଁଲା ରେଳ ବିଭାଗ

# ନର୍ଲା ସ୍ୱାଭିମାନ ମଞ୍ଚର ରେଳ ରୋକ୍ ଆନ୍ଦୋଳନ ସଫଳ

## ୪ ପ୍ରମୁଖ ଟ୍ରେନ୍ ରହଣି ପାଇଁ ମିଳିଲା ପ୍ରତିଶ୍ରୁତି

## ରେଳ କର୍ତ୍ତୃପକ୍ଷଙ୍କୁ ଧନ୍ୟବାଦ ଜଣାଇଲେ ସ୍ୱାଭିମାନ ମଞ୍ଚର ସଭାପତି ପ୍ରଦୀପ କୁମାର ନାଏକ


**ଭବାନୀପାଟଣା,୨ ।୭ :** ନର୍ଲାବାସୀଙ୍କ ଦୀର୍ଘ ଦିନର ସଂଘର୍ଷ ଏବଂ ଏକତା ଆଗରେ ଶେଷରେ ମୁଣ୍ଡ ନୁଆଇଁଛି ରେଳ ବିଭାଗ। କୋଭିଡ୍ ପୂର୍ବରୁ ଚଳାଚଳ କରୁଥିବା ବିଭିନ୍ନ ପ୍ରମୁଖ ଟ୍ରେନ୍‌ଗୁଡ଼ିକର ନର୍ଲା ରୋଡ୍ ଷ୍ଟେସନଠାରେ ପୁନଃ ରହଣି ଦାବି ନେଇ ଗତକାଲି (ଜୁଲାଇ ୦୧) ନର୍ଲା ସ୍ୱାଭିମାନ ମଞ୍ଚ ପକ୍ଷରୁ ଆୟୋଜିତ ରେଳ ରୋକ୍ ଆନ୍ଦୋଳନ ପୂର୍ଣ୍ଣ ସଫଳ ହୋଇଛି। ବ୍ୟାପକ ଜନଅସନ୍ତୋଷ ଓ ଆନ୍ଦୋଳନର ତୀବ୍ରତାକୁ ଦେଖି ରେଳ ବିଭାଗର ବରିଷ୍ଠ ଅଧିକାରୀମାନେ ଆସନ୍ତା ଏକ ମାସ ମଧ୍ୟରେ ୪ଟି ପ୍ରମୁଖ ଏକ୍ସପ୍ରେସ୍ ଟ୍ରେନର ରହଣି ପାଇଁ ଲିଖିତ ପ୍ରତିଶ୍ରୁତି ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ନର୍ଲା ଅଞ୍ଚଳବାସୀଙ୍କ ବାରମ୍ବାର ଦାବିପତ୍ର ସତ୍ତ୍ୱେ ରେଳ ବିଭାଗ କୌଣସି କର୍ଣ୍ଣପାତ ନ କରିବାରୁ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଏହାକୁ ନେଇ ଗତ ମେ ୨୫ ତାରିଖରେ ନର୍ଲା ଡାକ ବଙ୍ଗଳାଠାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ସର୍ବସମ୍ମତି କ୍ରମେ 'ନର୍ଲା ସ୍ୱାଭିମାନ ମଞ୍ଚ' ଗଠନ କରାଯାଇ ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ପ୍ରଦୀପ କୁମାର ନାଏକଙ୍କୁ ସଭାପତି, ଦିପୁ ପାତ୍ରଙ୍କୁ ସମ୍ପାଦକ ଏବଂ ସନ୍ତୋଷ ପାତ୍ରଙ୍କୁ ଉପଦେଷ୍ଟା ଭାବେ ମନୋନୀତ କରାଯାଇଥିଲା ଏବଂ ରେଳ ରୋକ୍ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ନର୍ଲା ସ୍ୱାଭିମାନ ମଞ୍ଚର ଆହ୍ୱାନ କ୍ରମେ ବରିଷ୍ଠ କଂଗ୍ରେସ ନେତା ଚୂଳମଣି ଗୌଡ଼ିଆ, କୁମୁଦ ଚନ୍ଦ୍ର ନାଏକ, ନିକୁଞ୍ଜ ଦତ୍ତା ,ନନ୍ଦ କିଶୋର ଜେନା, ମିନିକେତନ ବିଶ୍ୱାଳ,ଏବଂ ସମୀର ଚାନ୍ଦ ପ୍ରମୁଖଙ୍କ ନେତୃତ୍ୱରେ ଏହି ଆନ୍ଦୋଳନ ଏକ ଗଣ ଆନ୍ଦୋଳନର ରୂପ ନେଇଥିଲା । କିନ୍ନର ସଂଘ, ଶାନ୍ତି ମାଝୀ, ପଙ୍କଜିନୀ ନାୟକଙ୍କ ସମେତ



ଶତାଧିକ ମହିଳା ସ୍ଥାନୀୟ ଓଟୋ ଚାଳକ ସଂଘ ଏବଂ ନର୍ଲା ବଣିକ ସଂଘ ନିଜ ନିଜ ଦୋକାନ ବଜାର ଏବଂ ଗାଡି ମୋଟର ସମ୍ପୂର୍ଣ୍ଣ ବନ୍ଦ ରଖି ଏହି ଲଢ଼େଇରେ ସାମିଲ ହେବାକୁ ଆଗେଇ ଆସିଥିଲେ। ଜୁଲାଇ ୦୧ ତାରିଖରେ ସ୍ୱାଭିମାନ ମଞ୍ଚର ସଭାପତି ପ୍ରଦୀପ କୁମାର ନାଏକଙ୍କ ଅଧ୍ୟକ୍ଷତାରେ ହଜାର ହଜାର ସଂଖ୍ୟାରେ ଜନସାଧାରଣ ନର୍ଲାରୋଡ୍ ରେଳ ଷ୍ଟେସନ ଅଭିମୁଖେ ମାଡ଼ି ଆସିଥିଲେ। ସମଗ୍ର ଅଞ୍ଚଳରେ ଦୋକାନ ବଜାର ଠପ୍ ହୋଇଯାଇଥିବା ବେଳେ ରେଳ ଧାରଣା ଉପରେ ବସି ଆନ୍ଦୋଳନକାରୀ ମାନେ ଜୋରଦାର୍ ନାରାବାଜି କରିଥିଲେ। ଆନ୍ଦୋଳନର ପ୍ରଭାବ ଏତେ ବ୍ୟାପକ ଥିଲା ଯେ ଶେଷରେ ରେଳ ପ୍ରଶାସନ ଲୋକଙ୍କ ଦାବି ଆଗରେ ମୁଣ୍ଡ ନୁଆଇଁବାକୁ ବାଧ ହୋଇଥିଲା। ରେଳ ବିଭାଗର ଉଚ୍ଚପଦସ୍ଥ ଅଧିକାରୀମାନେ ଆସନ୍ତା ଏକ ମାସ ମଧ୍ୟରେ ନର୍ଲା ରୋଡ୍ ଷ୍ଟେସନଠାରେ ନିମ୍ନଲିଖିତ ୪ଟି ପ୍ରମୁଖ ଟ୍ରେନର ରହଣି ପାଇଁ ଲିଖିତ ପ୍ରତିଶ୍ରୁତି ପ୍ରଦାନ କରିଛନ୍ତି: 'ଟାଟା - ଏରାନକୁଲମ୍ ଏକ୍ସପ୍ରେସ ତିରୁପତି - ବିଳାସପୁର ଏକ୍ସପ୍ରେସ ଇସ୍ପାତ ଏକ୍ସପ୍ରେସ ସମତା ସୁପରଫାଷ୍ଟ ଏକ୍ସପ୍ରେସ'ରେଳ ବିଭାଗର ଏହି ପ୍ରତିଶ୍ରୁତି ପରେ ନର୍ଲା ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି ଏବଂ ମଞ୍ଚ ପକ୍ଷରୁ ସମସ୍ତ ସହଯୋଗୀ ଓ ସାଧାରଣ ଜନତାଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି। ସାଧାରଣ ଜନତାଙ୍କ ଏକତା ଓ ସ୍ୱାଭିମାନର ଏହା ଏକ ବଡ଼ ବିଜୟ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି।

# ସନ୍ଦେହଜନକ ଅବସ୍ଥାରେ ଯୁବକଙ୍କ ମୃତଦେହ ଉଦ୍ଧାର, ପୋଲିସ ତଦନ୍ତ ଜାରି

**କଳାହାଣ୍ଡି,୨ ।୭ :** ଓଡ଼ିଶାର କଳାହାଣ୍ଡି ଜିଲ୍ଲା ଏମ. ରାମପୁର ଥାନା ଅନ୍ତର୍ଗତ ମହାରାଣାପଡ଼ା ଗାଁରେ ଜଣେ ୩୫ ବର୍ଷୀୟ ଯୁବକଙ୍କ ମୃତଦେହ ତାଙ୍କ ଘରୁ ଉଦ୍ଧାର କରାଯାଇଛି। ଘରୁ ଦୁର୍ଗନ୍ଧ ବାହାରିବାରୁ ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ପ୍ରାଥମିକ ସୂଚନା ଅନୁସାରେ, ମୃତକ ଗତ ତିନି ଦିନ ଧରି ଘରୁ ବାହାରକୁ ଆସି ନ ଥିଲେ। ପଡ଼ୋଶୀଙ୍କ କହିବାନୁସାରେ, ସେ ମାନସିକ ଚାପରେ ଥିଲେ। ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି, ଯାହା ପରିବାର ଲୋକ ପହଞ୍ଚିବା



ପରେ କରାଯିବ। କିଛି ସ୍ଥାନୀୟ ଲୋକ ଏହା ଆତ୍ମହତ୍ୟା ନା ହତ୍ୟା ବୋଲି ପ୍ରଶ୍ନ ଉଠାଇଥିବା ବେଳେ ମୃତ୍ୟୁର ପ୍ରକୃତ କାରଣ ଏପର୍ଯ୍ୟନ୍ତ ଜଣାପଡ଼ିନାହିଁ। ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅଧିକାରୀଙ୍କ କହିବାନୁସାରେ, ବ୍ୟବଚ୍ଛେଦ ରିପୋର୍ଟ ଓ ଅଧିକ ତଦନ୍ତ ପରେ ହିଁ ତଥ୍ୟ ସ୍ପଷ୍ଟ ହେବ ।ଏମ. ରାମପୁରର ମହାରାଣାପଡ଼ାରେ ଘରୁ ୩୫ ବର୍ଷୀୟ ଯୁବକଙ୍କ ମୃତଦେହ ଉଦ୍ଧାର। ଆତ୍ମହତ୍ୟା ନା ହତ୍ୟା ? ପୋଲିସ ତଦନ୍ତ ଜାରି, ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା।

### ଦ୍ୱିତୀୟ ଦିନରେ ଡାକ୍ତରଙ୍କ ଆନ୍ଦୋଳନ

# ଆଲୋଚନା କଲା ବିଜେଡିର ସ୍ୱତନ୍ତ୍ର ଟିମ୍

- ରୋଗୀ ସେବା ଠପ୍, ରେଫରରେ ଚାଲିଛି ଚିକିତ୍ସା
- 'କାର୍ଯ୍ୟ ବନ୍ଦ ତ ଦରମା ବନ୍ଦ' ନିଷ୍ପତ୍ତିକୁ ବିରୋଧ

**ବାଲେଶ୍ୱର,୨ ।୭ :** ଦଶ ଦଫା ଦାବି ପୂରଣ ନେଇ ସିଡିଏମଓ କାର୍ଯ୍ୟାଳୟ ପରିସରରେ ଚାଲିଥିବା ଡାକ୍ତରଙ୍କ ଆନ୍ଦୋଳନ ଗୁରୁବାର ଦ୍ୱିତୀୟ ଦିନରେ ପହଞ୍ଚିଛି। ଏହି ପରିପ୍ରେକ୍ଷୀରେ ବିଜୁ ଜନତା ଦଳର ଏକ ସ୍ୱତନ୍ତ୍ର ଟିମ୍ ଆନ୍ଦୋଳନରତ ଡାକ୍ତରମାନଙ୍କୁ ଭେଟି ସେମାନଙ୍କ ସମସ୍ୟା ଓ ଦାବି ସମ୍ପର୍କରେ ଆଲୋଚନା କରିଛି। ବିଜେଡି ସୁପ୍ରିମୋ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ପୂର୍ବତନ ନୀଳଗିରି ବିଧାୟକ ସୁକାନ୍ତ ନାୟକ, ପୂର୍ବତନ ସଦର ବିଧାୟକ ସ୍ୱରୂପ କୁମାର ଦାସ ଏବଂ ପୂର୍ବତନ ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ବଡ଼ ମେଡିକାଲରେ ପହଞ୍ଚି ଓଡ଼ିଶା ମେଡିକାଲ ସର୍ଭିସେସ୍ ଆସୋସିଏସନ୍ (ଓଏମଏସଏ)ର ରାଜ୍ୟ ସମ୍ପାଦକ ଡା. ସଞ୍ଜୀବ ପ୍ରଧାନ, ଜିଲ୍ଲା ସଭାପତି ଡା. ସରୋଜ ରାଜ, ଜିଲ୍ଲା ସମ୍ପାଦକ ଡା. ଦିଲ୍ଲୀପ ପାତ୍ରଙ୍କ ସହ ଆଲୋଚନା କରିଥିଲେ ।ବିଜେଡି ନେତୃବୃନ୍ଦ ଅଭିଯୋଗ କରିଥିଲେ ଯେ, ସରକାର ବାରମ୍ବାର ପ୍ରତିଶ୍ରୁତି



ଦେଇ ମଧ ଡାକ୍ତରମାନଙ୍କ ଦାବି ପୂରଣ କରିବାରେ ବିଫଳ ହୋଇଛନ୍ତି। ସେମାନେ କହିଥିଲେ ଯେ, ବିଜେଡି ସରକାର ସମୟରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବିଭିନ୍ନ ସୁବିଧା ସୃଷ୍ଟି କରାଯାଇଥିବା ବେଳେ ବର୍ତ୍ତମାନ ସରକାର ଡାକ୍ତରଙ୍କ ସମସ୍ୟା ବୁଝିବାରେ ବିଫଳ ହୋଇଛନ୍ତି ।ଆନ୍ଦୋଳନ ଯୋଗୁଁ ଦୁଇ ଦିନ ଧରି ବଡ଼ ମେଡିକାଲରେ ରୋଗୀ ସେବା ପ୍ରଭାବିତ ହୋଇଥିବା ବେଳେ ଅନେକ ରୋଗୀଙ୍କୁ ମେଡିକାଲ କଲେଜ ଓ କଟକକୁ ରେଫର କରାଯାଉଥିବା ନେଇ ମଧ ଚିନ୍ତା ପ୍ରକାଶ କରାଯାଇଥିଲା। ଘଟଣା ସମ୍ପର୍କରେ ନବୀନ ନିବାସକୁ ଅବଗତ କରାଯାଇଥିବା ମଧ ଟିମ୍ ପକ୍ଷରୁ ସୂଚନା ଦିଆଯାଇଛି ।ଅନ୍ୟପକ୍ଷରେ, ଗଣତାନ୍ତ୍ରିକ ପଦ୍ଧତିରେ ଚାଲିଥିବା ଆନ୍ଦୋଳନ ପ୍ରତି ସରକାରଙ୍କ 'କାର୍ଯ୍ୟ ବନ୍ଦ ତ ଦରମା ବନ୍ଦ' ଚେତାବନୀକୁ ଓଏମଏସଏ ପକ୍ଷରୁ କଡ଼ା ବିରୋଧ କରାଯାଇଛି। ଏହି ଅବସରରେ ପୌର ଉପାଧ୍ୟକ୍ଷ କୈଳାଶ ସେଠୀ, ବିଜେଡି ଟାଉନ ସଭାପତି ମନୋଜ କୁମାର ରାଉତ, ଜିଲ୍ଲା ସାଧାରଣ ସମ୍ପାଦକ ରଞ୍ଜନ ବାଗ, ସେକ୍ ଆୟୁବ, ସନ୍ଧ୍ୟାରାଣୀ ଜେନା, ସେକ୍ ସାକିର, ଅଶୋକ ଦାସ, ସଞ୍ଜୟ ବେହେରା, ବିଶ୍ୱଜିତ୍ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଆନ୍ଦୋଳନକୁ ସମର୍ଥନ ଜଣାଇଥିଲେ। ଉଲ୍ଲେଖଯୋଗ୍ୟ ଯେ, ଦଶ ଦଫା ଦାବି ନେଇ ଓଏମଏସଏ ପକ୍ଷରୁ ରାଜ୍ୟବ୍ୟାପୀ ଆନ୍ଦୋଳନ ଚାଲିଥିବା ବେଳେ ପ୍ରାୟ ୬,୫୦୦ ଡାକ୍ତର ଏଥିରେ ସାମିଲ ହୋଇଛନ୍ତି। ବାଲେଶ୍ୱରରେ ୨୯୫ରୁ ଅଧିକ ଡାକ୍ତର ସିଡିଏମଓ କାର୍ଯ୍ୟାଳୟ ପରିସରରେ ଦୁଇ ଦିନ ଧରି ଆନ୍ଦୋଳନ ଜାରି ରଖିଛନ୍ତି। ବାରମ୍ବାର ଆଲୋଚନା ଓ ପ୍ରତିଶ୍ରୁତି ସତ୍ତ୍ୱେ ଦାବି ପୂରଣ ନ ହେବାରୁ ସଂଘ ଏଭଳି ଦୃଢ଼ ପଦକ୍ଷେପ ନେଇଥିବା ପ୍ରକାଶ କରିଛି।

# ଜାତୀୟ ରାଜପଥ ପାର୍ଶ୍ୱରୁ ଅଜଣା ମହିଳା ମୃତଦେହ ଉଦ୍ଧାର

**ରୂପସା,୨ ।୭ :** ୧୬ନଂ ଜାତୀୟ ରାଜପଥ ପାର୍ଶ୍ୱରୁ ଗୁରୁତର ଅବସ୍ଥାରେ ଉଦ୍ଧାର ହୋଇଥିବା ଜଣେ ଅଜଣା ମହିଳା ଚିକିତ୍ସା ବେଳେ ପ୍ରାଣ ହରାଇଛନ୍ତି। ତେବେ ମହିଳାଙ୍କ ମୃତ୍ୟୁର ପ୍ରକୃତ କାରଣ ଏ ପର୍ଯ୍ୟନ୍ତ ଅସ୍ପଷ୍ଟ ରହିଛି ।ଗତ କାଲି ବିଳମ୍ବିତ ରାତ୍ରି ପ୍ରାୟ ୧:୩୦ ମିନିଟ୍ ସମୟରେ ରୁପ୍ସା ଥାନା ଅଧୀନ ଟ୍ୱିଙ୍କିଲ ଢ଼ାବା ନିକଟ ଜାତୀୟ ରାଜପଥ କଡରେ ଜଣେ ମହିଳା ରକ୍ତାକ୍ତ ଅବସ୍ଥାରେ ପଡିଥିବା ଦେଖି ସ୍ଥାନୀୟ ଲୋକେ ରୁପ୍ସା ପୋଲିସକୁ ଖବର ଦେଇଥିଲେ। ପୋଲିସ ତୁରନ୍ତ ପହଞ୍ଚି ମୃତ୍ମୂର୍ଷ ଅବସ୍ଥାରେ ଥିବା ମହିଳାଙ୍କୁ ଉଦ୍ଧାର କରି ଫକୀର ମୋହନ ମେଡିକାଲ କଲେଜରେ ଭର୍ତି କରିଥିଲେ ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।ମୃତ ମହିଳାଙ୍କ ବୟସ ପ୍ରାୟ ୪୫-୫୦ ବର୍ଷ। ତାଙ୍କ ମୁଣ୍ଡ ଓ ମୁହଁରେ ଆଘାତ ଚିହ୍ନ ଥିଲା। ତାଙ୍କ ପାଖରୁ କୌଣସି ପରିଚୟ ପତ୍ର ବା ସାମଗ୍ରୀ ମିଳିନାହିଁ। ଫଳରେ ତାଙ୍କ ପରିଚୟ ଏପର୍ଯ୍ୟନ୍ତ ଜଣା ପଡିନାହିଁ ।ମହିଳା ଜଣକ ସଡକ ଦୁର୍ଘଟଣାର ଶିକାର ହୋଇଛନ୍ତି ନା ତାଙ୍କୁ ଅନ୍ୟ କେହି ଆକ୍ରମଣ କରି ଏଠାରେ ଫିଙ୍ଗି ଦେଇଛନ୍ତି ତାହା ସ୍ପଷ୍ଟ ହୋଇପାରିନାହିଁ। ରୁପ୍ସା ପୋଲିସ ମୃତଦେହକୁ ବ୍ୟବଚ୍ଛେଦ କରିବା ସହ ୦୮/୨୬ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଅଧିକ ତଦନ୍ତ କରୁଛି।

# ଅବସରପ୍ରାପ୍ତ ଶିକ୍ଷକଙ୍କୁ ନିଆଁରା ଢଙ୍ଗରେ ବିଦାୟକାଳୀନ ସମ୍ବର୍ଦ୍ଧନା



**ବଣାଇଁ,୨ ।୭ :** ଢୋଲ ବାଜା ପ୍ରସେସନ କରି ବିଦାୟ ଦେଲେ ଶିକ୍ଷକଙ୍କୁ ଗ୍ରାମ ବାସି, ସ୍କୁଲ ପାଖରୁ ୨୦ କିଲୋ ମିଟର ଦୂରତା ବିଭିନ୍ନ ଗାଁ ବୁଲାଇ ବିଦାୟ ଦେଇ ଥିଲେ, ଶିକ୍ଷକ କହି ଛନ୍ତି ଯଦି ଦରକାର ପଡେ ନିଶ୍ଚିତ ସ୍କୁଲ ଆସି ପାଠ ପଢାଇବୋ। ବିଦାୟ ନେଉଛନ୍ତି ୪ ଶିକ୍ଷକ ଅଉ ଏହି ଅବସରରେ ଗ୍ରାମ ବାସି ଓ ଛାତ୍ର ଛାତ୍ରୀ ଦେଉ ଛନ୍ତି ବିଦାୟ, ଏମିତି ସେମିତି ନୁହେଁ ଗାଡି କରିବାଜା ବଜାଇ ଗାଁ ଗାଁ ବୁଲାଇ ପ୍ରାୟ ୨୦ କିଲୋମିଟର ବୁଲାଇ ଦେଉଛନ୍ତି । ପ୍ରସେସନ ରେ ଆସି ବଣାଇ ବାବା ବାଣେଶ୍ୱର ମନ୍ଦିରରେ ପହଂଚି ମୁଣ୍ଡିଆ ମାରି ଥିଲେ ଓ ସେଠାରୁ ବିଦ୍ୟାଳୟକୁ ଫେରିଥିଲେ ସେଠାରେ ପୂର୍ବରୁ ପ୍ରସ୍ତୁତ ଥିବା ସମ୍ବର୍ଦ୍ଧନା ସଭାକୁ ସମସ୍ତ ଶିକ୍ଷକଙ୍କୁ ଗ୍ରାମବାସୀ ଏବଂ ଛାତ୍ର ଛାତ୍ରୀ ପାଛୋଟି ନେଇଥିଲେ ଓ ସମ୍ବର୍ଦ୍ଧନା ଦିଆ ଯାଇଥିଲା। ଶିକ୍ଷକ ମାନେ ଭାବ ? ବ୍ୟହଳ ହୋଇ ଯାଇଥିଲେ କହିଥିଲେ ବିଦାୟ, ଆ ଜୀବନ ରେ ଏ ଅଭୁଲା ସ୍ମୃତି କୁ ଭୁଲି ହେବନି। ଖେଳ ସିକ୍ଷକ ପ୍ରଫୁଲ୍ଲ ସାହୁ କହିଥିଲେ ଶିକ୍ଷକତା ଭିତରେ ଅନେକ ଖେଳାଳି ଆଜି ଜାତୀୟ ସ୍ତରରେ ଖେଳି ନା କମାଇ ଛନ୍ତି, ଯାହା ବଣାଇର ଗୋଗୁଆ ସ୍କୁଲ ଗର୍ବିତ ବୋଲି ଖେଳ ଶିକ୍ଷକ କହିଛନ୍ତି । ଯେପରି ଆମ ଗୋଗୁଆ ସ୍କୁଲର ଜିଲ୍ଲାରେ ପ୍ରଥମ ହୋଇ ନା ରଖି ଥିଲା ଆମେ ଗଲା ପରେ ଯେପରି ସେୟା ରହୁ ବୋଲି କହିଥିଲେ। ଆଜି ଆମେ ବିଦାୟ ନେଲୁ ଆଶା କରୁ ଆଗରେ ଯେମିତି ନାଁ ଥିଲା ଆଗକୁ ମଧ ସେମିତି ନାଁ ରହିବ, ମୁ ସବୁବେଳେ ମୋ ସାଥୀ ଶିକ୍ଷକ ଙ୍କୁ ନେଇ ଚାଲି ଥିବାରୁ ଏହି ଗୋଗୁଆ ସ୍କୁଲ ଜିଲ୍ଲାରେ ନା କମାଇ ଥିଲା, ଦରକାର ପଡିଲେ ମୁ ଆସି ପିଲାମାନଙ୍କୁ ପୁନର୍ବାର ଶିକ୍ଷା ଦେବି ବୋଲି କହିଥିଲେ।

# ବିଜେପି ପକ୍ଷରୁ ବୁଦ୍ଧିଜୀବୀ ସମ୍ମିଳନୀ

**ବାସୁଦେବପୁର,୨ ।୭ :** ଭଦ୍ରକ ଜିଲ୍ଲା ବାସୁଦେବପୁର ନିର୍ବାଚନ ମଣ୍ଡଳୀ ରେ ଭାରତୀୟ ଜନତା ପାର୍ଟି ପକ୍ଷରୁ ' ବିଶ୍ୱାସର ୧୨ ବର୍ଷ ଓ ଦୁଇ ବର୍ଷ ' ପୂର୍ତ୍ତି ଉପଲକ୍ଷେ ଏକ ବୁଦ୍ଧିଜୀବୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବାସୁଦେବପୁର ନିଳମଣୀ ଟାଉନ୍ ହଲ୍ ପରିସରରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ମୁଖ୍ୟ ଅତିଥି ଭାବରେ ବିଧାନସଭା ନେତା ବାଣୀ କଲ୍ୟାଣ ମହାନ୍ତି, ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମଧୁସୁଦନ ପାଢୀ, ଜିଲ୍ଲା କୋଷାଧ୍ୟକ୍ଷ ଜୟପ୍ରକାଶ ମଲ୍ଲିକ୍, ପଞ୍ଚାୟତ ସମିତି ଅଧ୍ୟକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ, ବରିଷ୍ଠ ନେତା ଗିରିଜା ସଙ୍କର ରାୟ, ଅଶୋକ କୁମାର ସାହୁ ପ୍ରମୁଖ ମଞ୍ଚାସୀନ ହୋଇ କେନ୍ଦ୍ର ସରକାର ତଥା ରାଜ୍ୟ ସରକାରଙ୍କ ଉନ୍ନତି ମୂଳକ ଏବଂ ବିକାଶ ମୂଳକ ଯୋଜନା ଉପରେ ଆଲୋଚନା କରିଥିଲେ। ଏଥିସହିତ ବିଭିନ୍ନ ସ୍ଥାନରୁ ଆସିଥିବା କାର୍ଯ୍ୟକର୍ତ୍ତା ଏବଂ ବୁଦ୍ଧିଜୀବୀ ମାନେ ରାଜ୍ୟ ସରକାରଙ୍କ ବିକାଶମୂଳକ ଯୋଜନା ର ସଠିକ୍ ଭାବରେ କାର୍ଯ୍ୟ କରିବା ଉପରେ କିଛି ମନ୍ତବ୍ୟ ଦେଇଥିଲେ। ବାସୁଦେବପୁର ର ବିକାଶ ତଥା ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିବା ସହିତ ବିଧାନସଭା ନେତା ବାଣୀ କଲ୍ୟାଣ ମହାନ୍ତି ଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବାସୁଦେବପୁର ର ବ୍ରିଟିଶ ଶାସନ ସମୟରେ ବାଣିଜ୍ୟ ପାଇଁ ବ୍ୟବହାର ହେଉଥିବା କୋଷ୍ଟ କେନାଲ ର ପୁନରୁଦ୍ଧାର, ବାଲିଆପାଳ ଘାଟରେ ପୋଲ ନିର୍ମାଣ, ଜାମୁଝାଡି ଠାରୁ ଧାମରା ବନ୍ଦର ପର୍ଯ୍ୟନ୍ତ ରାସ୍ତା ର ବାଇପାସ୍ ରାସ୍ତା ନିର୍ମାଣ, ରକ୍ତତୀର୍ଥ ଇରମ ର ବିକାଶ ସହିତ ଗୋବଂଶଙ୍କ ଜୀବନ ସୁରକ୍ଷା ଭଳି ଗୁରୁତ୍ୱପୂର୍ଣ୍ଣ ଯୋଜନା ବିଷୟରେ ଆଲୋଚନା ଓ ପର୍ଯ୍ୟାଲୋଚନା କରାଯାଇଥିଲା। ଏହି ସମସ୍ତ ଆଲୋଚନା ପରେ ବିଧାନସଭା ନେତା ବାଣୀ କଲ୍ୟାଣ ମହାନ୍ତି କେନ୍ଦ୍ର ତଥା ରାଜ୍ୟ ସରକାର ଙ୍କ ସହିତ ବାସୁଦେବପୁର ର ସମସ୍ତ ସମସ୍ୟାର ସମାଧାନ ନିମନ୍ତେ ପରାମର୍ଶ କରିବାକୁ କହିଛନ୍ତି। ସେହିପରି ଆଗକୁ ପଞ୍ଚାୟତ ନିର୍ବାଚନ ପାଇଁ ଜନ ସାଧାରଣଙ୍କର ରାସନ୍ କାର୍ଡ ସମସ୍ୟା, ବାର୍ଦ୍ଧକ୍ୟ ଭତ୍ତା, ଅନ୍ତରଦ୍ୟ ଆବାସ ଯୋଜନା, ଚାଷୀ ମାନଙ୍କ ସମସ୍ୟା ଉପରେ ମଧ ଆଲୋଚନା କରାଯାଇଥିଲା। ଏଥିସହିତ କର୍ମୀମାନେ ସରକାର ଙ୍କ ବିକାଶ ର ଧାରାକୁ ଘରେ ଘରେ ପହଞ୍ଚାଇବାକୁ ପରାମର୍ଶ ଦେଇଥିଲେ।

# ଜିଲ୍ଲାରେ ବଡକେରାଜାଙ୍ଗ ଦୁଇଜଣ ଡାକ୍ତରଙ୍କ ଉପରେ ୨୫ ହଜାର ଲୋକଙ୍କ ଭରସା

**ଅନୁଗୋଳ,୨ ।୭ :** ସଦର ମହକୁମାଠାରୁ ମାତ୍ର ୧୮ କିମି ଦୂରତା ବଡକେରାଜାଙ୍ଗ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କୁ ଉପଯୁକ୍ତ ସେବା ମିଳିପାରୁ ନଥିବା ଅଭିଯୋଗ ହେଉଛି । ସେଠାରେ ଦୁଇଜଣ ଡାକ୍ତର ଅଛନ୍ତି ହେଲେ ଦିନ ତମାମ ଭିତରେ କେବଳ ସକାଳ ୭ ଟାରୁ ୧୨ ଟା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟସେବା କେନ୍ଦ୍ର ଖୋଲା ରହୁଛି । ସେଥିପାଇଁ ସ୍ୱାସ୍ଥ୍ୟସେବା ପାଇଁ ଆସୁଥିବା ଶହ ଶହ ରୋଗୀ ନିରାଶ ହୋଇ ଫେରୁଛନ୍ତି । ପୂର୍ବ ସରକାର ସମୟରେ ୧ କୋଟି ୫୦ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ବ୍ୟୟରେ ନୂତନ ଅଟାଳିକା ନିର୍ମାଣ ହୋଇଛି । କିନ୍ତୁ ଥ୍ରୀ ଫେଜ ବିଦ୍ୟୁତ ଓ ଆବଶ୍ୟକ ଷ୍ଟାଫ ନଥିବାରୁ ନୂତନ ଗୃହ ତାଲା ପଡିରହିଛି । ଜରୁରୀକାଳୀନ ବିଦ୍ୟୁତ ଶକ୍ତି ପାଇଁ ଡିଜି ବାହାରେ ରହି ଖତ ଖାଉଛି । ସ୍ଥାନୀୟ ଅଞ୍ଚଳବାସୀ ଜିଲ୍ଲା ପ୍ରଶାସନ ଠାରୁ ଆରମ୍ଭ କରି ଜିଲ୍ଲା ସ୍ୱାସ୍ଥ୍ୟ




ବିଭାଗ,ଛେଣ୍ଡିପଦା ବିଧାୟକ, ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନଙ୍କୁ ବାରମ୍ବାର ଅଭିଯୋଗ କରିଥିଲେ ମଧ କୌଣସି ସୁଫଳ ମିଳୁନାହିଁ । ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ପାରିପରା, ସାନଜାମୁଣ୍ଡା, ଜଙ୍ଗଲ ଜାମୁଣ୍ଡା, ଜାମୁଣ୍ଡା, ବଡକେରାଜାଙ୍ଗ, ସାନକେରାଜାଙ୍ଗ, ଗୋଳାବନ୍ଧ, ପଥୁରିଆ ଓ ଆଖପାଖ ଅଞ୍ଚଳର ପ୍ରାୟ ୨୫ ହଜାରରୁ ଊର୍ଦ୍ଧ୍ୱ ଲୋକେ ନିର୍ଭର କରିଥାନ୍ତି । ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ଆୟୁସ ଡାକ୍ତର ଓ ଜଣେ ଏମ୍‌ବିବିଏସ ଡାକ୍ତର ନିଯୁକ୍ତି ହୋଇଛନ୍ତି । ଫଳରେ ଓପରଓଳି ପ୍ରାଥମିକ ଚିକିତ୍ସା କେନ୍ଦ୍ର ବନ୍ଦ ରହୁଥିବା ଯୋଗୁଁ ସଠିକ ସମୟରେ ସେବା ମିଳୁନଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି । ତେଣୁ ଲୋକମାନେ ଘରୋଇ ଚିକିତ୍ସାଳୟକୁ ଯାଇ ଖର୍ଚ୍ଚାନ୍ତ ହେବାକୁ ବାଧ ହେଉଛନ୍ତି । ସାମାନ୍ୟ ଅସୁସ୍ଥ ହେଲେ ନିକଟସ୍ଥ ମେଡିସିନ ଦୋକାନରେ ନଚେତ ୧୮ କିମି ଦୂରତା ଅନୁଗୋଳ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଏ ଅଞ୍ଚଳର ଲୋକମାନେ ନିର୍ଭର କରୁଛନ୍ତି । ସେପଟେ ଷ୍ଟାଫ ଓ ନୂତନ ଗୃହରେ ୨୪ ଘଣ୍ଟା ଘଣ୍ଟା ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ଅଧିକାରୀଙ୍କୁ ସୂଚନା ଦିଆଯାଇଥିବା ଡାକ୍ତର ଜୟଶ୍ରୀ ଦେହୁରୀ କହିଛନ୍ତି । ପିଇବା ପାଇଁ ଟାଙ୍କି ନିର୍ମାଣ ହୋଇଛି ପାନୀୟଜଳ ଆସୁନାହିଁ । ଯାହାଫଳରେ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁଥିବା ଦୈନନ୍ଦିନ ରୋଗୀ ମାନେ ପିଇବା ପାଇଁ ଶୁଦ୍ଧ ପାନୀୟଜଳ ପାଇପାରୁ ନାହାନ୍ତି । ରୋଗୀ ହନ୍ତସନ୍ତ ହେଉଥିବା ଜଣେ ଅଭିଯୋଗ କରିଛନ୍ତି ।

Printed, Published, edited and owned by Ipsita Pati, Published from Plot no.214/A, Sahid Nagar, Bhubaneswar, Pin - 751007, Odisha
and Printed at Ray Publications, Plot No-17, Rajarani Lewis Road, Bhubaneswar, Pin - 751014, Khurda, Odisha
Mob : +91 9692701007, 9438119777 I Email : pratishabda7@gmail.com I Website : www.pratishabda.com

Editor : Ipsita Pati Executive Editor : Satyajit Mohapatra Managing Editor : Jitendra Ku. Pati